ଦେଶ ସେବାରେ ନିରନ୍ତର

**ଭାରତୀୟ ରେଳପଥ**

www.indianrailways.gov.in

ଆମକୁ ଫଲୋ କରନ୍ତୁ /Railminindia





# ନୂଆ ଭାରତର ପ୍ରଗତି ସହ ଆଗାମୀ ଶକ୍ତିଶାଳୀ ଫ୍ରେଟ୍ କରିଡର୍‌ର ଆନ୍ତଃସଂଯୋଗୀକରଣ

ସମର୍ପିତ ଫ୍ରେଟ୍ କରିଡର୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ମାଧ୍ୟମରେ ସାରା ଦେଶରେ ସମର୍ପିତ ଫ୍ରେଟ୍ କରିଡର୍ ନିର୍ମାଣ କରିବା ପାଇଁ ଭାରତୀୟ ରେଳପଥ ଦ୍ରୁତ ଅଗ୍ରସର। ଏକ ଉଦୀୟମାନ ଶକ୍ତି ଭାବେ, ଇନ୍ଧନ, ଭିତ୍ତିଭୂମି ସାମଗ୍ରୀ ଏବଂ ବାଣିଜ୍ୟ ପଣ୍ୟର ନିରନ୍ତର ତଥା ଦ୍ରୁତ ଚଳପ୍ରଚଳ ଆବଶ୍ୟକ କରିଥାଏ, ଯାହାକୁ ସକ୍ଷମ ପ୍ରୋତ୍ସାହିତ କରିବ ସମର୍ପିତ ଫ୍ରେଟ୍ କରିଡର୍ । ଏହା ଏକ ରଣନୀତିଗତ ଦୃଢ଼ପ୍ରତିଜ୍ଞାକୁ ସୂଚାଇଥାଏ ଯାହା ଭାରତର ଅଭିବୃଦ୍ଧି ଅଭିଯାନକୁ ତ୍ୱରାନ୍ୱିତ କରିବ, ଗ୍ରାହକଙ୍କ ଆପେକ୍ଷିକ ସ୍ଥିତିରେ ଉନ୍ନତି ଆଣିବ ଏବଂ ବଜାର ଆବଶ୍ୟକତାକୁ ଦ୍ରୁତ ପୂରଣ କରିବ।

- ଟ.୮୧,୪୫୯ କୋଟି ବ୍ୟୟରେ ୩,୩୬୦ କିମି (ଆନୁମାନିକ) ରେଳଧାରଣା ସମ୍ବଳିତ ସମ୍ପୂର୍ଣ୍ଣ ସମର୍ପିତ ଫ୍ରେଟ୍ କରିଡର୍ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଏହା କରିଡର୍ ପାର୍ଶ୍ୱରେ ଦ୍ରୁତ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବ।
- ପୂର୍ବ ଡିଏଫ୍‌ସି ଏବଂ ପଶ୍ଚିମ ଡିଏଫ୍‌ସିର ପ୍ରଥମ ଭାଗଗୁଡ଼ିକ ସମ୍ପୂର୍ଣ୍ଣ ହୋଇସାରିଛି
    - ପୂର୍ବ ଡିଏଫ୍‌ସି: ଭଦାନରୁ ଖୁର୍ଜା – ୨୦୦ କିମି ସମ୍ପୂର୍ଣ୍ଣ
    - ପଶ୍ଚିମ ଡିଏଫ୍‌ସି: ରେୱାରି–ମଦାର ସେକ୍ସନ – ୩୦୬ କିମି ସମ୍ପୂର୍ଣ୍ଣ
- ଟ୍ରେନ୍‌ର ଦୈର୍ଘ୍ୟକୁ ବିଦ୍ୟମାନ ୭୦୦ ମିଟରରୁ ୧,୫୦୦ ମିଟର ବୃଦ୍ଧି କରାଯିବ । ପଶ୍ଚିମ ଡିଏଫ୍‌ସି ସେକ୍ସନରେ ଦୁଇଥାକିଆ କଣ୍ଟେନର ଟ୍ରେନ୍ ଚଳାଚଳ କରିବ
- ଟ୍ରେନ୍ ଲୋଡ୍‌କୁ ବିଦ୍ୟମାନ ୫,୦୦୦ ଟନ୍‌ରୁ ୧୩,୦୦୦ ଟନ୍‌କୁ ବୃଦ୍ଧି କରାଯିବ
- ମାଲବାହୀ ଟ୍ରେନ୍ ବିଦ୍ୟମାନ ଘଣ୍ଟା ପ୍ରତି ୭୫ କିମିରୁ ଘଣ୍ଟାପ୍ରତି ୧୦୦ କିମିର ବର୍ଦ୍ଧିତ ବେଗରେ ଚଳାଚଳ କରିବ
- ମାଲ୍‌ବାହୀ ଟ୍ରାଫିକ୍‌ଗୁଡ଼ିକୁ ଡିଏଫ୍‌ସିକୁ ସ୍ଥାନାନ୍ତର କରିବା ଦ୍ୱାରା ବିଦ୍ୟମାନ ଜନାକୀର୍ଣ୍ଣ ରେଳଧାରଣା ଉପରେ ଅଧିକ ଯାତ୍ରୀବାହୀ ଟ୍ରେନ୍‌ର ଚଳାଚଳ ସକ୍ଷମ ହୋଇପାରିବ
- ପରିବେଶ ଅନୁକୂଳ ଶକ୍ତିଦକ୍ଷ ପ୍ରଣାଳୀ ପ୍ରଦୂଷଣ ହ୍ରାସକୁ ଅନେକ ମାତ୍ରାରେ ସୁବିଧାଜନକ କରିବ
- ଡିଏଫ୍‌ସିସିଆଇଏଲ୍ ସଡ଼କ କ୍ଷେତ୍ର ତୁଳନାରେ ଫ୍ରେଟ୍ ପରିବହନରେ ରେଳପଥର ଭାଗକୁ ଅପେକ୍ଷାକୃତ ବୃଦ୍ଧି କରିବ, ଯାହାଦ୍ୱାରା ମୂଲ୍ୟବାନ ଇନ୍ଧନ ଓ ବୈଦେଶିକ ମୁଦ୍ରା ସଞ୍ଚୟ ହୋଇପାରିବ









**ଏବେ ଅସମ୍ଭବ ହୋଇଛି ସମ୍ଭବ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ଜ୍ଞାନସଂସ୍କାର ଶିବିର

ଜେନାପୁର,୩।୩(ଡି.ଏନ୍.ଏ.): ଜେନାପୁର ଡିଗ୍ରୀ କଲେଜ ପରିସରରେ ଶନିବାର ଉତ୍କଳ ବିଶ୍ୱ ବିଦ୍ୟାଳୟ ଅଧୀନ ଜାତୀୟ ସେବା ସଂସ୍ଥା ପକ୍ଷରୁ ଦିନିକିଆ ଜ୍ଞାନସଂସ୍କାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରକାଶ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଶିବିରରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇ ଏନ୍ଏସ୍ଏସ୍ ଦ୍ୱାରା କିପରି ଛାତ୍ରୀଛାତ୍ରମାନେ ସମାଜର ସେବା କରିପାରିବେ ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଫିସ କର୍ମଚାରୀ ରବି ନାରାୟଣ ପାତ୍ର (ଦିଲୁ), ଦାମୋଦର ପଣ୍ଡା ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ଚିତ୍ତରଞ୍ଜନ ଜେନା ଶିବିରରୁ ଛାତ୍ରୀଛାତ୍ରମାନେ ଟ୍ରେନିଂ ନେଇ କିପରି ଦକ୍ଷତା ଦେଖାଇ ପାରିବେ ସେ ବିଷୟରେ କହିଥିଲେ। ଦେବସ୍ମିତା ଦାସ , ହରେକୃଷ୍ଣ ପାଳ, ପିଇଟି ଶଙ୍କର୍ଷଣ ଦୋରା, ବିରଜା ଶଙ୍କର ରାଉତ, ବିଶ୍ୱଜିତ ବେହେରା, ଅଜୟ କୁମାର ମହାନ୍ତି, ସାଉଁଟି ଚରଣ ଦାସ, ସଞ୍ଜୟ ମହାନ୍ତି, ସଞ୍ଜୟ ସ୍ୱାଇଁ, ଆଶିଷ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଅଧାପିକା ନନ୍ଦିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ନିର୍ମାଣରୁ ବାଦ୍ ପଡ଼ିଛି ଦଳିତ ବସ୍ତି

ସୁକିନ୍ଦା, ୩।୩(ଡି.ଏନ୍.ଏ.)



ସୁକିନ୍ଦା ଗଡରେଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ସାମନ୍ତରାପୁର ରାସ୍ତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କଂକ୍ରିଟ ରାସ୍ତା କରାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରୀୟାରେ ୮୭.୧୫ ଲକ୍ଷ ଟଙ୍କା ବ୍ୟୟବରାଦରେ ରାଜୀବଲୋଚନ ସାହୁଙ୍କୁ କାର୍ଯ୍ୟାଦେଶ ମିଳିଛି। ୨୫।୧।୨୦୧୮ରେ ରାସ୍ତାକାମ ଆରମ୍ଭ କରାଯାଇଥିବା କାମରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର କାମରେ ସିମେଣ୍ଟ କଂକ୍ରିଟ ମୋଟେଇ କମ୍‌କରି କାମ କରିଛନ୍ତି। କାର୍ଯ୍ୟ ପ୍ରାରମ୍ଭରୁ ପାଣିଦେଇ ରୋଲିଂ କରିବାର ନିର୍ଦ୍ଦେଶାବଳୀ ରହିଛି। ହେଲେ ଠିକାଦାର ବିନା ରୋଲିଂରେ କାମ କରିଛନ୍ତି। ଏପରିକି ବାଲି, ଚିପ୍ସ, ସିମେଣ୍ଟ ଆବଶ୍ୟକ ପରିମାଣଠାରୁ କମ୍ ପରିମାଣର ବ୍ୟବହାର କରି କାମ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମବେଳେ ଗ୍ରାମ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ଅପରପକ୍ଷେ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ସହିତ ମହରମ ପ୍ୟାକିଂ ନ କରିବାରୁ ସୁକିନ୍ଦା ବ୍ଲକ ଜାମୁପୋଷି ଗ୍ରାମର କେତେଜଣ ଦଳିତ ସମ୍ପ୍ରଦାୟର ବ୍ୟକ୍ତି ଜାମୁପଷି ଦଳିତ ବସ୍ତିର ପ୍ରମୋଦ କୁମାର ମଲ୍ଲିକଙ୍କ ଘରଠାରୁ ଦଳିତ ବସ୍ତି ଶେଷ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ବନ୍ଦ କରିଦେଇଥିଲେ। ଠିକାଦାର ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତସ୍ଥାନଠାରୁ ଦଳିତବସ୍ତି ପର୍ଯ୍ୟନ୍ତ ରାସ୍ତାକାମ ବନ୍ଦ କରିଦେଇ ଦଳିତବସ୍ତିଠାରୁ ଜାମୁପଷି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିଛନ୍ତି। ଏ

### ବ୍ଲକ ଅଫିସରେ ଧାରଣା ଦେବେ ଗ୍ରାମବାସୀ

ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଠିକାଦାରଙ୍କ ଏଭଳି ମନମୁଖି ନୀତିକୁ ସାମାଜିକ କର୍ମୀ ଶୁସାନ୍ତ କୁମାର ମଲ୍ଲିକଙ୍କ ସହ ବହୁ ଦଳିତ ନେତୃବୃନ୍ଦ ନିନ୍ଦା କରିଛନ୍ତି। ଏ ସମ୍ପର୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜଗନ୍ନାଥ ସାହୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏ ଦିଗରେ ତୁରନ୍ତ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ନେଇ ବିଡିଓ ଓ ଜିଲାପାଳଙ୍କ ନିକଟରେ ପ୍ରମୋଦ କୁମାର ମଲ୍ଲିକ, ସୁଶାନ୍ତ କୁମାର ମଲ୍ଲିକ, ଜଗନ୍ନାଥ ମଲ୍ଲିକ, ସୁବାସ ମଲ୍ଲିକ, ରମେଶ ମଲ୍ଲିକ, ବିଜୟ କୁମାର ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି। ଏଥିସହ ଏ ନେଇ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ଧାରଣାଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ୬ ଜୁନିୟର କଲେଜରେ ୧୯୬୪ ଯୁକ୍ତ ଦୁଇ ପରୀକ୍ଷାର୍ଥୀ

ଧର୍ମଶାଳା,୩।୩(ଡି.ଏନ୍.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ୭ ତାରିଖରୁ ଆରମ୍ଭ ହେବ । ଧର୍ମଶାଳା ବ୍ଲକର ୬ଟି ଜୁନିୟର କଲେଜରେ କଳା, ବିଜ୍ଞାନ, ବାଣିଜ୍ୟରେ ମୋଟ ୧୯୬୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆବେଦନ କରିଛନ୍ତି। ଏହି ବ୍ଲକର ଧର୍ମଶାଳା କଲେଜକୁ ନୋଡାଲ ସେଣ୍ଟର କରାଯାଇଛି। ଧର୍ମଶାଳା ମହାବିଦ୍ୟାଳୟରେ କଳାରେ ୨୮୮ଜଣ, ବିଜ୍ଞାନରେ ୧୮୮ଜଣ, ବାଣିଜ୍ୟରେ ୩୫ଜଣ ପରୀକ୍ଷା ଦେବେ । ଜଗନ୍ନାଥ ଜୀଉ ମହାବିଦ୍ୟାଳୟ ଚଢେଇଧରା କଳାରେ ୨୯୫ଜଣ ଓ ବିଜ୍ଞାନରେ ୫୧ଜଣ, ବଜ୍ରଗିରି କଲେଜ କୋତପୁରରେ କଳାରେ ୨୪୫ ଓ ବିଜ୍ଞାନରେ ୬୫ଜଣ, ଧର୍ମଶାଳା ମହିଳା କଲେଜରେ କଳାରେ ୧୩୭ଜଣ, ଜେନାପୁର କଲେଜରେ କଳାରେ ୨୬୦ଜଣ, ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୪୫

### ଧର୍ମଶାଳା ବ୍ଲକ

ଓ ବିଜ୍ଞାନରେ ୧୫୫ଜଣ ମୋଟ ୧୯୬୪ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେବେ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଧର୍ମଶାଳା ମହାବିଦ୍ୟାଳୟ ହବ୍ ସେଣ୍ଟର ଅଧୀନରେ ଜେନାପୁର, ଧର୍ମଶାଳା ମହିଳା, ବ୍ରହ୍ମବରଦା, ଉପେନ୍ଦ୍ରସାରଦା କଲେଜ ମୁଗୁପାଳ, ମଧୁବନ କଲେଜ ଓ ମଧୁପୁର କଲେଜ କଲଣ ରହିଛି। ପ୍ରତ୍ୟେକ ପରୀକ୍ଷା ଦିନ ହବ୍‌ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ସହ ପରିଷଦର କର୍ମଚାରୀ ଓ ପୋଲିସ ବାହିନୀ ସାଙ୍ଗରେ ଯିବେ। ପ୍ରତ୍ୟେକ ପରୀକ୍ଷା ଦିନ ପ୍ରଶ୍ନପତ୍ର ସକାଳ ୯ଟା ୩୦ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇ ଦିଆଯିବ। ଏଥିସହ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ୨ଟି ପର୍ଯ୍ୟାୟରେ ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ତୀର ମାରି ଫେରାର ଥିବା ଅଭିଯୁକ୍ତ ଗିରଫ

ଜେନାପୁର,୩।୩(ଡି.ଏନ୍.ଏ.)

ଜେନାପୁର ଥାନା ଅନ୍ତର୍ଗତ ମହୁଲଖଳି ଗ୍ରାମରେ ଜମିବାଡ଼ି ମାମଲାକୁ କେନ୍ଦ୍ରକରି ଗତ ଡିସେମ୍ବର ୩ ତାରିଖରେ ଅଜୟ ପ୍ରଧାନ ଓ ବାବୁ ସାମଲ(୪୦)ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବାବୁ ଉତ୍‌କ୍ଷିପ୍ତ ହୋଇ ଅଜୟଙ୍କୁ ତୀରମାଡ଼ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଜୟ ଜେନାପୁର ଥାନରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୨୭୯/୧୮) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଦୀର୍ଘଦିନ ପରେ ବାବୁ ଗ୍ରାମକୁ ଫେରିଥିବା ଖବର ପାଇ ପୋଲିସ ରବିବାର ସକାଳେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## କେନ୍ଦ୍ରୀୟ ପଣ୍ୟାଗାରର ୬୩ତମ ପ୍ରତିଷ୍ଠା ଦିବସ

ଯାଜପୁରରୋଡ,୩।୩(ନି.ପ୍ର.)

ଯାଜପୁରରୋଡସ୍ଥିତ କେନ୍ଦ୍ରୀୟ ପନ୍ୟାଗାରର ୬୩ତମ ପ୍ରତିଷ୍ଠା ଦିବସ ଶନିବାର ପନ୍ୟାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ପାଣ୍ୟାଗାର ପରିଚାଳକ ନବକିଶୋର ଜେନା ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ଦୁର୍ଲଭାନନ୍ଦ ଜେନା, ଗୌତମ କୁମାର ଧାରା, ଶୁଭ୍ରନିଲ ବାନାର୍ଜୀ ଓ ଯୋଗାଣ ବିଭାଗର ଦୀପାରାଣି ବେହେରା, ବବିତା ନାୟକ ପ୍ରମୁଖ ଯୋଗଦେଇ ପନ୍ୟାଗାର କାର୍ଯ୍ୟକାରିତା ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଏହି ପନ୍ୟାଗାରରେ ୯୦୦୦ ମେଟ୍ରିକ ଟନ୍ ଖାଦ୍ୟ ପଦାର୍ଥ ରହିବାର ବ୍ୟବସ୍ଥା ଅଛି। କିନ୍ତୁ ସେଣ୍ଟ୍ରାଲ ମେଡିକାଲ ସର୍ଭିସ ୧୦୦୦ ମେଟ୍ରିକ ଟନ ବ୍ୟବହାର କରୁଥିବା ବେଳେ ଯୋଗାଣ ବିଭାଗ ୫୦୦୦ ମେଟ୍ରିକ ଟନ ବ୍ୟବହାର କରୁଛି। ଷ୍ଟୋର ଚାର୍ଜ ବର୍ଷକୁ ୫୫ ଲକ୍ଷ ଟଙ୍କା ଆଦାୟ କରାଯାଇଛି ବୋଲି ପରିଚାଳକ ସୂଚନା ଦେଇଥିଲେ।

## ବିଜେଡିରେ ସାମିଲ ହେଲେ ସଂଗ୍ରାମ

ଧର୍ମଶାଳା,୩।୩(ଡି.ଏନ୍.ଏ.)

ଧର୍ମଶାଳା ବିଜେଡି ପକ୍ଷରୁ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ସଂଗଠକ ସଂଗ୍ରାମ କେଶରୀ ଜେନା ବିଜେଡିରେ ଯୋଗଦେଇଛନ୍ତି। ସେ ୨୦୧୪ ସାଧାରଣ ନିର୍ବାଚନରେ ବଡ଼ଚଣା ବିଧାନସଭା ଆସନରୁ ସମତାକ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସଂଗ୍ରାମ କହିଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳରେ ନୂତନଭାବେ ସାମିଲ ହୋଇଥିବା କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଥିଲେ। ଏହିପରି ମିଶ୍ରଣ ପର୍ବରେ କ୍ଷେତ୍ରପାଳ ପଞ୍ଚାୟତର ବହୁ କର୍ମୀ ମଧ୍ୟ ବିଭିନ୍ନ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ପୀତାମ୍ବର ନାୟକ, ନିରଞ୍ଜନ ପରିଡା, ବିକ୍ରମ ବିଶ୍ୱାଳ, ଦେବଦତ୍ତ ମହାପାତ୍ର, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ସଜାଗ ରୁହନ୍ତୁ ଖବରଦାତା'

କଳିଙ୍ଗନଗର,୩।୩(ଡି.ଏନ୍.ଏ.)

କଳିଙ୍ଗନଗର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ବୁଧବାର ଦାନଗଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇଥିଲେ। ଖବରଦାତାଙ୍କ ବୃତ୍ତିରେ ଦିନକୁ ଦିନ ଅବକ୍ଷୟ ହେଉଛି । ଏଥିପ୍ରତି ସେମାନେ ଯତ୍ନବାନ ହେବା ଉଚିତ । ଏଥିସହ କଳିଙ୍ଗନଗର ବିଶ୍ୱମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାବେଳେ ସେ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଚିନ୍ତା କରିବା ଆବଶ୍ୟକ ବୋଲି ଘଡ଼ାଇ କହିଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ଖବରତଦାତା ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇ ଖବରଦାତାମାନେ ଖବର ସଂଗ୍ରହ ସମୟରେ ବିଭିନ୍ନ ପ୍ରକାର ସମସ୍ୟା ଓ ଶୋଷଣର ଶିକାର ହେଉଛନ୍ତି। ରାଜ୍ୟରେ କେତେଜଣ ଖବରଦାତାଙ୍କ ପାଇଁ ଗଣମାଧ୍ୟମ ଉପରେ ଜନସାଧାରଣଙ୍କ ବିଶ୍ୱାସ ତୁଟିବାରେ ଲାଗିଛି। ସେ ନେଇ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦୋରା, ତହସିଲଦାର ବୁଲବୁଲ ବେହେରା, କୈଳାସ ଚନ୍ଦ୍ର ନାୟକ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଦୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଖବରଦାତା ହର୍ଷବର୍ଦ୍ଧନ ବେହେରା, ସଂଗ୍ରାମ କେଶରୀ ସିଂ, ମଦନମୋହନ ନାୟକ, ସମାଜିକକର୍ମୀ ତପନ କୁମାର ସାହୁ , ଶିକ୍ଷା ପାଇଁ ଯୁଗ ପ୍ରଭା ସାବତ, ଏଭରେଷ୍ଟ ବିଜେତା ସ୍ୱର୍ଣ୍ଣଲତା ଦଳେଇ, କ୍ରୀଡାରେ ଅଭିଜିତ ରାଉତ ଓ ଶରତ ବାରିକ, ପରିବେଶ ସୁରକ୍ଷା ପାଇଁ ଅଶ୍ୱିନୀ କୁମାର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗନଗର ପ୍ରେସ୍ କ୍ଲବର କର୍ମକର୍ତ୍ତା ବିପ୍ଳବ କେଶରୀ ପଣ୍ଡା, ଭାଗୀରଥି ବାରିକ, ଶ୍ରୀନିବାସ ମହାନ୍ତି, ସୁବାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପତିତପାବନ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ଚଳଚଞ୍ଚଳ ଶୈବପୀଠ



ନାଉଗାଁ,୩।୩(ସ୍ୱ.ପ୍ର.): ଶିବ ଚତୁର୍ଦ୍ଦଶୀ ତିଥି ଅବସରରେ ପ୍ରତ୍ୟେକ ଶୈବ ପୀଠରେ ସୋମବାର ପାଳିତ ହେବ ଜାଗର ମେଳା। ଏଥିପାଇଁ ନାଉଗାଁ ବ୍ଲକର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଏହି ବ୍ଲକ ନନ୍ଦୀ ଗ୍ରାମସ୍ଥିତ ନନ୍ଦିକେଶ୍ୱର ପୀଠରେ ଜାଗର ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ନନ୍ଦିକେଶ୍ୱର ୟୁଥ କ୍ଲବ ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମନ୍ଦିର ଚାରିପାଖରେ ଦୋକାନ ଖୋଲାଯାଇଛି। ଏହି ଶୈବ ପୀଠକୁ କେବଳ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ନୁହନ୍ତି, ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ଜାଗର ଦିନ ପ୍ରାତଃରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥାଏ। ମନ୍ଦିର ନିକଟରେ ଜାଗର ଦିନ ତମାମ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ। ଶ୍ରଦ୍ଧାଳୁମାନେ କିପରି ଶାନ୍ତି ଶୃଙ୍ଖଳାର ସହିତ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେଥିପାଇଁ ଗ୍ରାମବାସୀ ଓ ନନ୍ଦକିଶୋର ୟୁଥ୍ କ୍ଲବ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ଜାଗର ଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ରାତ୍ର ଉଜାଗର ରହି ମନ୍ଦିର ବେଢ଼ାରେ ଦୀପ ଜାଳିଥାନ୍ତି।

### ହରିବୋଲିଆ ମଠରେ ମହାଶୈବ ଗାୟତ୍ରୀ ଯଜ୍ଞ

ପାରାଦୀପ,୩।୩(ସ୍ୱ.ପ୍ର.): ନୂଆ ବଜାରସ୍ଥିତ ହରିବୋଲିଆ ମଠ ପରିସରରେ ରବିବାରଠାରୁ ମହାକାଳେଶ୍ୱରଙ୍କ ୧୪ତମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ବିଶ୍ୱଶାନ୍ତି ମହାଶୈବ ଗାୟତ୍ରୀ ଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ପୂର୍ବାହ୍ନ ୭ଟାରୁ ଶୁଭାଧିବାସ ପରେ ରୀତିନୀତି ଅନୁଯାୟୀ ଏହି ଯଜ୍ଞ ଚାଲିଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମହାପୁରୁଷ ଅରକ୍ଷିତ ଦାସ ଆଶ୍ରମ ହରିବୋଲ ମଠର କର୍ମକର୍ତ୍ତାମାନେ ସମସ୍ତ କାର୍ଯ୍ୟକ୍ରମ ସଂଚାଳନ କରୁଛନ୍ତି। ଏହି ଯଜ୍ଞ ସୋମବାର ରାତିରେ ପୂର୍ଣ୍ଣାହୂତି ଦିଆଯିବ।

### ନାଟ୍ୟକାର କୃଷ୍ଣଚନ୍ଦ୍ରଙ୍କ ପରଲୋକ

ବାଲିଆ,୩।୩: ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତ କମାଶାସନ ଗ୍ରାମର ମଞ୍ଚ ଓ ବେତାର ନାଟ୍ୟକାର କୃଷ୍ଣଚନ୍ଦ୍ର ସ୍ୱାଇଁ(୭୪)ଙ୍କ ଶୁକ୍ରବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଜ୍ୟୋଷ୍ଠ ପୁତ୍ର ସ୍ୱରୂପ ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଅନ୍ୟ ୨ ଭାଇ ଶ୍ୟାମସୁନ୍ଦର ସ୍ୱାଇଁ, ଗୀତିକବି ବାମଦେବ ସ୍ୱାଇଁ, ପୁତ୍ର ଶ୍ରୁତିରଞ୍ଜନ ସ୍ୱାଇଁ, ପୁତୁରା ସତ୍ୟରଞ୍ଜନ ସ୍ୱାଇଁ, ପାର୍ଥ ପ୍ରତିମ ସ୍ୱାଇଁ, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟମାନେ ଉପସ୍ଥିତ ଥିଲେ।

# ବଢୁଛି ନାବାଳିକା ନିର୍ଯାତନା ମାମଲା

ଜଗତ୍‌ସିଂହପୁର ଅଫିସ,୩।୩

■ ୫ ବର୍ଷରେ ସର୍ବାଧିକ ଦୁର୍ଘଟଣା ମାମଲା
■ ଦାଖଲ ହୋଇନି ଏକାଧିକ ମାମଲାର ଚାର୍ଜଶିଟ୍

ଜଗତ୍‌ସିଂହପୁର ଜିଲାରେ ବଳାତ୍କାର, ନାବାଳିକା ନିର୍ଯାତନା ମାମଲା ବଢିଚାଲିଛି। ଗତ ୫ ବର୍ଷ ମଧ୍ୟରୁ ୨୦୧୮ରେ କେବଳ ଦୁର୍ଘଟଣାଜନିତ ମାମଲା ସର୍ବାଧିକ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୨ରୁ ୨୦୧୮ ଭିତରେ ନାବାଳିକା ନିର୍ଯାତନା ମାମଲା ଯଥେଷ୍ଟ ବଢ଼ିଛି। ପୋଲିସ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ନେଉଥିବା କହୁଥିବାବେଳେ ଅପରାଧ ନିୟନ୍ତ୍ରଣ କରିବାରେ ଅସଫଳ ରହିଛି। ଏପରି କି ଅନେକ ମାମଲା ଉପରେ ଏଯାଏ ଚାର୍ଜସିଟ୍ ଦାଖଲ ହୋଇନାହିଁ। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ବିଶ୍ୱନାଥ ମିଶ୍ର କହିଛନ୍ତି ଯେ ପୂର୍ବ ଅପେକ୍ଷା ଏବେ ଲୋକେ ସେମାନଙ୍କ ଅଧିକାର ବାବଦରେ ଅଧିକ ସଚେତନ ହେଲେଣି। ତେଣୁ ମାମଲା ସଂଖ୍ୟା ବଢିଚାଲିଛି। ଅନେକ କ୍ଷେତ୍ରରେ ବିଭିନ୍ନ କାରଣରୁ ମିଥ୍ୟା ଅଭିଯୋଗ ହେଉଛି। ଏହିସବୁ ମାମଲାରେ ପକ୍ଷମାନେ ବୁଝାମଣା କରି ଦେଉଛନ୍ତି। ସେହିପରି ସୀମିତ ସଂଖ୍ୟକ କର୍ମଚାରୀ କେତେକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି। ତଥାପି ଜିଲା ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

ଜିଲା ପୋଲିସ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ରେ ନାବାଳିକା ବଳାତ୍କାର ଅଭିଯୋଗ ସଂଖ୍ୟା ମାତ୍ର ୨ ଥିଲା। ୨୦୧୩ରେ ୯, ୨୦୧୪ରେ ୨୦, ୨୦୧୫ରେ ୧୫, ୨୦୧୬ରେ ୨୧, ୨୦୧୭ରେ ୩୫ ଓ ୨୦୧୮ରେ ଏହି ମାମଲା ସଂଖ୍ୟା ସର୍ବାଧିକ ୪୮ରେ ପହଞ୍ଚିଥିଲା। ଚାର୍ଜସିଟ୍ କଥା ବିଚାରକୁ ନେଲେ ୨୦୧୫ରେ ୧, ୨୦୧୭ରେ ୫ ଓ ୨୦୧୮ରେ ସର୍ବାଧିକ ୧୭ଟି ମାମଲାର ଚାର୍ଜସିଟ୍ କୋର୍ଟରେ ଦାଖଲ ହୋଇନାହିଁ। ଅନ୍ୟ ମାମଲାକୁ ଦେଖିଲେ ୨୦୧୪ରେ ମୋଟ ୨,୬୨୭ ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୧,୯୧୬ଟି ଉପରେ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ୭୧୧ଟି ମାମଲାରେ ଚାର୍ଜସିଟ୍ ହୋଇନାହିଁ। ସେଗୁଡିକ ମଧ୍ୟରୁ ଏଫ୍‌ଆର୍‌ଟି (ଫାଇନାଲ ରିପୋର୍ଟ ଟ୍ରୁ) ଓ ଏନ୍‌ସି (ଅଧର୍ତ୍ତବ୍ୟ)/ଏମ୍‌ଏଫ୍‌ଏମ୍‌ଏଲ୍ (ମିଷ୍ଟେକ୍ ଅଫ ଫ୍ୟାକ୍ଟ ମିଷ୍ଟେକ୍ ଅଫ ଲ)/ମିଥ୍ୟା ଇତ୍ୟାଦିର ଚାର୍ଜସିଟ୍ ଦାଖଲ ଜରୁରୀ ନାହିଁ। ଅବଶିଷ୍ଟ ୫ଟି ମାମଲା ଉପରେ ଚାର୍ଜସିଟ୍ ଦିଆଯାଇନାହିଁ। ସେହିପରି ୨୦୧୫ରେ ୨,୫୪୪ଟି ମାମଲା ମଧ୍ୟରୁ ଏଫ୍‌ଆର୍‌ଟି ଓ ଏନ୍‌ସି/ଏମ୍‌ଏଫ୍‌ଏମ୍‌ଏଲ୍/ମିଥ୍ୟାକୁ ବାଦ୍ ଦେଲେ ୧୨ଟିର ଚାର୍ଜସିଟ୍ ଦାଖଲ ହୋଇନାହିଁ। ୨୦୧୬ରେ ମୋଟ ୨,୫୫୧ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ଏଫ୍‌ଆର୍‌ଟି, ଏନ୍‌ସି/ଏମ୍‌ଏଫ୍‌ଏମ୍‌ଏଲ୍/ମିଥ୍ୟା ମାମଲାଗୁଡିକୁ ବାଦ୍ ଦେଲେ ଆଉ ୧୪ଟିର ଚାର୍ଜସିଟ୍ ଦାଖଲ ହୋଇନି। ୨୦୧୭ରେ ଜିଲାରେ ୨,୨୪୧ଟି ମାମଲା ରୁଜୁ ହୋଇଥିବାବେଳେ ସେଥିମଧ୍ୟରୁ ଏଫ୍‌ଆର୍‌ଟି ଓ ଏନ୍‌ସି/ଏମ୍‌ଏଫ୍‌ଏମ୍‌ଏଲ୍/ମିଥ୍ୟାକୁ ବାଦ୍ ଦେଲେ ସର୍ବାଧିକ ୭୨ ମାମଲା ଉପରେ ଚାର୍ଜସିଟ୍ ଦାଖଲ ବାକି ରହିଛି। ୨୦୧୮ରେ ସାରା ଜିଲାର ବିଭିନ୍ନ ଥାନାରେ ୨,୧୭୮ଟି ମାମଲା ରୁଜୁ ହୋଇଥିବା ବେଳେ ୬୬୨ଟି ମାମଲା ଉପରେ ଏଯାଏ ଚାର୍ଜସିଟ୍ ଦାଖଲ କରାଯାଇନାହିଁ।

ଜିଲାରେ ବଳାତ୍କାର ମାମଲା ଚିନ୍ତାଜନକ ରହିଛି। ୨୦୧୪ରୁ ୨୦୧୮ ମଧ୍ୟରେ ୨୪୭ଟି ବଳାତ୍କାର ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୨୦୧୪ରେ ୩୭, ୨୦୧୫ରେ ୪୮, ୨୦୧୬ରେ ୪୬, ୨୦୧୭ରେ ୫୩ ଓ ୨୦୧୮ରେ ଏହି ସଂଖ୍ୟା ୬୩ରେ ପହଞ୍ଚିଛି। ଦୁର୍ଘଟଣା ମଧ୍ୟ ଆଶାତୀତ ଭାବେ ବଢ଼ିଛି। ୨୦୧୪ରୁ ୨୦୧୮ ଭିତରେ ୧,୦୨୪ଟି ମୋଟରଜନିତ ଦୁର୍ଘଟଣା ମାମଲା ହୋଇଛି। ସେଥିମଧ୍ୟରୁ ୨୦୧୪ରେ ୨୨୧, ୨୦୧୫ରେ ୨୦୪, ୨୦୧୬ରେ ୨୦୪, ୨୦୧୭ରେ ୧୮୦ ଓ ୨୦୧୮ରେ ସବୁ ବର୍ଷର ରେକର୍ଡ ଭାଙ୍ଗି ୨୧୫ରେ ପହଞ୍ଚିଥିଲା। ହତ୍ୟା ମାମଲା ସଂଖ୍ୟା ଏହି ୫ ବର୍ଷରେ ୧୬୮ରେ ପହଞ୍ଚିଛି। ୨୦୧୪ରେ ୪୩, ୨୦୧୫ରେ ୩୨, ୨୦୧୬ ୩୩, ୨୦୧୭ରେ ୨୫ ଓ ୨୦୧୮ରେ ୩୫ ରହିଛି। ଅନୁରୂପ ଭାବେ ୨୦୧୪ରେ ଡକାୟତି ମାମଲା ୨୨, ୨୦୧୫ରେ ୧୯, ୨୦୧୬ରେ ୨୮, ୨୦୧୭ରେ ୧୦ ଓ ୨୦୧୮ରେ ୧୮ ଏହିପରି ମୋଟ ୯୭ଟି ମାମଲା ରୁଜୁ ହୋଇଛି। ଦଙ୍ଗା ମାମଲା ସଂଖ୍ୟା ୫ ବର୍ଷରେ ୩୪୬ ରହିଛି। ଅନ୍ୟାନ୍ୟ ମାମଲା ସଂଖ୍ୟା ୭,୯୪୦ ରହିଛି ।



କଂଗ୍ରେସର ସାଙ୍ଗଠନିକ ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ରାହାମା/ତିର୍ତ୍ତୋଲ,୩।୩(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତର ଢଣ୍ଡୁଆ ଗ୍ରାମ ବିଚାରମଣି ମଣ୍ଡପରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ସମିତିସଭ୍ୟ ତଥା ରାଜ୍ୟ ୟୁଥ୍ ସେବାଦଳର ସାଧାରଣ ସମ୍ପାଦକ ରଞ୍ଜିତ କୁମାର ପାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପିସିସି ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା ଯୋଗଦେଇ ଆସନ୍ତା ନିର୍ବାଚନ ନିମନ୍ତେ କର୍ମୀମାନେ ଏକ୍ରତିତ ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀରେ ଦଳ ଯାହାକୁ ପ୍ରାର୍ଥୀ କରିବ ସମସ୍ତେ ତାଙ୍କୁ ସମର୍ଥନ କରିବେ। ଯେଉଁ କର୍ମୀମାନେ କୌଣସି କାରଣବସତଃ ବୈଠକକୁ ଆସିପାରିନାହାନ୍ତି, ସେମାନଙ୍କୁ ଆଗାମୀ ଦିନରେ ଏକଜୁଟ୍ କରି କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ କିଷାନ ସେଲ୍ ସମ୍ପାଦକ ବିଶ୍ୱନାଥ ପାଣି, ଜୋନ ସଭାପତି ପ୍ରହଲାଦ ସାହୁ, ଜିଲା କଂଗ୍ରେସ ଉପସଭାପତି ସନ୍ତୋଷ ଦାସ, ଜିଲା କଂଗ୍ରେସ ସମ୍ପାଦକ ଶ୍ରୀକାନ୍ତ ଦାସ, ଜିଲା ସଭାପତି ଅଶେଷ ମହାନ୍ତି, ୟୁଥ ସେବାଦଳର ବ୍ଲକ ସଭାପତି ପ୍ରଶାନ୍ତ ସ୍ୱାଇଁ, ସୁବାସ ରାଉତ, ମନମୋହନ କାନୁନ୍‌ଗୋ, ରମାକାନ୍ତ ବେହେରା, ବିଭୁତି ଭୂଷଣ ପରିଡା, ଅନିରୁଦ୍ଧ ଦଳାଇ, ବନମାଳି ଦାସ, ଶୈଳେନ୍ଦ୍ର ପଟ୍ଟନାୟକ, ପ୍ରଭାତ ମହାପାତ୍ର, ବିପିନ ବିଶ୍ୱାଳ, ଉମାକାନ୍ତ ନାୟକ, ସାରଦା ପ୍ରସନ୍ନ ଦାସ, ପତିତପାବନ ବାରିକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ବିଜେଡିର ୱାର୍ଡ କମିଟି ବୈଠକ



ବିଜେଡି ୱାର୍ଡ କମିଟି ବୈଠକରେ ଉପସ୍ଥିତ କାଉନସିଲର ଓ ଅନ୍ୟ ନେତାମାନେ।

ପାରାଦୀପ,୩।୩(ସ୍ୱ.ପ୍ର.)

ପାରାଦୀପ ପୌର ପାଳିକାର ୨ ନଂ. ୱାର୍ଡରେ ରବିବାର ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ଶାସନ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କୁହାଯାଇଥିଲା। ବିଶେଷକରି ୨୦୧୫ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ୱାର୍ଡ ନଂ.୨ରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ସ୍ୱର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନାଠାରୁ ଆରମ୍ଭ କରି ଆବାସ, ସୌଭାଗ୍ୟ ଯୋଜନା, ଗଭୀର ନଳକୂପ ବ୍ୟବସ୍ଥା, କଙ୍କ୍ରିଟ ରାସ୍ତା, ହାଇମାଷ୍ଟ ଲାଇଟ୍, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶୌଚାଳୟ, ସ୍ୱୟଂସହାୟିକା ଗୋଷ୍ଠୀକୁ ସ୍ୱାବଲମ୍ବୀ କରିବା ଆଦି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସ୍ଥାନୀୟ କାଉନ୍‌ସିଲର ଅଜୟ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ପ୍ରଭାତି ନାୟକ, କାଉନ୍‌ସିଲର ମାନସ ବିଶ୍ୱାଳ, ଶଙ୍କର ପ୍ରସାଦ ରାଉତ, ସୁଶୀଲ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶାର ଅନ୍ୟତମ ସ୍ୱଚ୍ଛ ସହର ଭାବେ ପାରାଦୀପ ସ୍ୱଚ୍ଛ ଭାରତ ସମ୍ମାନ ପାଇବାକୁଯାଉଛି। କେନ୍ଦ୍ର ସରକାର ଓଡ଼ିଶାର ଯେଉଁ ୪ଟି ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳକୁ ଚୟନ କରିଛନ୍ତି, ସେଥିରେ ପାରାଦୀପ ରହିଛି। ଏହି ପୁରସ୍କାର ଆସନ୍ତା ୬ରେ ରାଷ୍ଟ୍ରପତି ଦିଲ୍ଲୀର ବିଜ୍ଞାନ ଭବନଠାରେ ପ୍ରଦାନ କରିବେ। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ପାଇଁ ଏହି ସଫଳତା ମିଳିଥିବା ଏଥିରେ କୁହାଯାଇଥିଲା।

## ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ

ବାଲିକୁଦା,୩।୩(ସ୍ୱ.ପ୍ର.)

ବାଲିକୁଦା ପଞ୍ଚାୟତ ସଂଖ୍ୟାଲଘୁ ବସ୍ତିର ୪୦ କଂଗ୍ରେସ ପରିବାର ରବିବାର ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ତିତିରାସ୍ଥିତ ବାସଭବନରେ ଏହି ଉପଲକ୍ଷେ ଏକ ମିଶ୍ରଣ ପର୍ବ କରାଯାଇଥିଲା। ବାଲିକୁଦା କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ତଥା ଛାତ୍ର ନେତା ମୀର୍ଜା ସବ୍ରତ ବେଗ୍‌ଙ୍କ ନେତୃତ୍ୱରେ ଏହି କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ପୂର୍ବତନ ୱାର୍ଡସଭ୍ୟ ମହମ୍ମଦ ଅକିଲ, ମହମ୍ମଦ ସାମସୌଦ୍ଦିନ୍, ଏସ.କେ. ତାସିଫ୍, ଫିରୋଜ ଖାଁ, ଅକ୍ତର, ଖାଜେ ସୁରାଜ୍, ମୀର୍ଜା ସାଜିଦ୍ ବେଗ୍, ହନିଫ୍ ସାହା, ଏସକେ ଫାୟାଜ୍, ଏସକେ ରିୟାଜ୍ ପ୍ରମୁଖଙ୍କ ପରିବାର ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ବିଧାୟକ ମୁଦୁଲିଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରଣିତ ହୋଇ ସେମାନେ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। ନୂଆ ସଦସ୍ୟଙ୍କୁ ନେଇ ଦଳ ବାଲିକୁଦା ପଞ୍ଚାୟତରେ ଆହୁରୀ ସଙ୍ଗଠିତ ହେବା ସହିତ ଆସନ୍ତା ସାଧାରଣ ନିର୍ବାଚନରେ ଅଧିକ ସଫଳତା ପାଇବ ବୋଲି ବିଧାୟକ ମୁଦୁଲି କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ବାଲିକୁଦା ପଞ୍ଚାୟତ ସଭାପତି ଗୌରାଙ୍ଗ ଚରଣ ଦାସ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲ୍ଲା ଯୁବ ବିଜେଡି ଉପସଭାପତି ଶୁଭେନ୍ଦ୍ର ଦାସ, ଅନନ୍ତପୁର ସରପଞ୍ଚ ରମେଶ ପାଇଟାଳ, ଯୁବ ନେତା ମାନସ ମଲ୍ଲିକ, ମାନସ ପରିଡା, ଟୁନା ଦାସ, ଅକ୍ଷୟ ପରିଡା, ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ମୁଦୁଲି ନୂତନ କର୍ମୀ ଓ ନେତାମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ମିଠା ବାଣ୍ଟିଥିଲେ।

## ଓଷକଣା-ପାଣିତିରା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା,୩।୩(ସ୍ୱ.ପ୍ର)

ବାଲିକୁଦା ବ୍ଲକ ଓଷକଣାସ୍ଥିତ ମକର ପଡିଆଠାରେ ରବିବାର ଚତୁର୍ଥ ବାର୍ଷିକ ଓଷକଣା-ପାଣିତିରା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। କାଜଲ କିଶୋର ମହାନ୍ତି ଓ ଅନ୍ତର୍ଯ୍ୟାମୀ ରାଉତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମେ ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନ କରାଯାଇଥିଲା। ଉଦ୍‌ଘାଟନ ମ୍ୟାଚ୍‌ରେ ଅଣିଅଙ୍କୁ ହରାଇ ପୋଦରୁଆ ସେମି ଫାଇନାଲକୁ ଉନ୍ନିତ ହୋଇଛି। ସେହିପରି ବେଲପୁର କ୍ରିକେଟ ଟିମକୁ ହରାଇ ନୂଆଗାଁ ଟିମ୍ ସେମି ଫାଇନାଲକୁ ପ୍ରବେଶ କରିଛି। ଅନ୍ୟ ଏକ ମ୍ୟାଚରେ ରାହାଣକୁ ହରାଇ ଓଳାଷ ସେମି ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ସୋମବାର ଏହି ଗ୍ରାଉଣ୍ଡରେ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ମ୍ୟାନେଜର ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ଅମ୍ପାୟାର ଭାବେ ପ୍ରସନ୍ନ ବିଶ୍ୱାଳ, ତୁଷାର ବେହେରା, ହିମାଂଶୁ ସ୍ୱାଇଁ, ଡିଲୁ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ନିରଞ୍ଜନ ବିଶ୍ୱାଳ, ସ୍ମୃତିରଞ୍ଜନ ରାଉତ, ସାଗର ପରିଡା, ସିତୁନ ରାଉତ, ସପନା ମହାନ୍ତି, ଜିତୁ ଜେନା ଓ ବବୁନି ବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ରାହାମା ବଜାରରେ ସଫେଇ

ରାହାମା,୩।୩(ଡି.ଏନ.ଏ.)

କୁଜଙ୍ଗ ବ୍ଲକ ରାହାମା ହାଟ ବଜାରଠାରେ ଆଇଏଫଆଇଏନ ଆଣ୍ଡ ଓଆଇଜି ସଙ୍ଗଠନ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଅନୁଷ୍ଠାନର ଶତାଧିକ ସଭ୍ୟ ଅଂଶଗ୍ରହଣ କରି ହାତରେ ଝାଡୁ, କୋଦାଳ, ଝୁଡ଼ି ଧରି ରାସ୍ତାଘାଟ ସଫେଇ କରିଥିଲେ। ଏଥିସହ ଅଳିଆ ଆବର୍ଜନାକୁ ପୋଡ଼ିଥିଲେ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଂଗଠନର କର୍ମକର୍ତ୍ତା।

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ବିରିଡ଼ି,୩।୩(ଡି.ଏନ.ଏ.)

ବିରିଡ଼ି ବ୍ଲକ ହାଜିପୁରଠାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମୁଖ୍ୟ ଜନଔଷଧି ବିପିପିଆଇ ଓମ. ପ୍ରକାଶ ବ୍ରହ୍ମା, ଅଗ୍ରୱାଲ ଚକ୍ଷୁଚିକିତ୍ସାଳୟର ପ୍ରଦ୍ୟୁମ୍ନ ମହାନ୍ତି, ହାଜିପୁର ସରପଞ୍ଚ ବିମଳ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନଔଷଧି କେନ୍ଦ୍ର ଖୋଲିବା ଦ୍ୱାରା ବିରିଡ଼ି ବ୍ଲକ ଅଞ୍ଚଳର ଜନସାଧାରଣ ଉନ୍ନତମାନର ଔଷଧ କମ ଦାମରେ ପାଇପାରିବେ ବୋଲି ଡା. ଦାଶ କହିଥିଲେ। ଓଡ଼ିଶା ମୁଖ୍ୟ ଜନଔଷଧି ବିପିପିଆଇ ମହାନ୍ତି ଏହି କେନ୍ଦ୍ରରେ କି ପ୍ରକାର ଔଷଧ ଉପଲବ୍ଧ ହେବ ସେ ସମ୍ପର୍କରେ କହିଥିଲେ। ଔଷଧ କେନ୍ଦ୍ରର ପରିଚାଳକ ଭାବେ ସୁକାନ୍ତ ଚନ୍ଦ୍ର ମହାପାତ୍ର, ଗୌରୀଶଙ୍କର ମହାପାତ୍ର ଉପସ୍ଥିତ ଥିଲେ। ସଚିନ ପାଲ, ବିକାଶ ଲେଙ୍କା, ଡ. ସୁରେଶ ଚନ୍ଦ୍ର ଜେନା, ପବିତ୍ର ପଶାୟତ, ଦେବାଶିଷ ଶତପଥୀ, କାଶୀନାଥ ଲେଙ୍କା, ଅକ୍ଷୟ କୁମାର ଭୂୟାଁ ସହାୟତା କରିଥିଲେ।

## ଶିବାନନ୍ଦ ଶିକ୍ଷା ଓ ସଂସ୍କୃତି ସଂସଦର ଆଲୋଚନାଚକ୍ର

ବାଲିଆ,୩।୩

ବିରିଡ଼ି ବ୍ଲକ ଅଡଙ୍ଗ ନୀଳକଣ୍ଠେଶ୍ୱର ପୀଠରେ ଶିବାନନ୍ଦ ଶିକ୍ଷା ଓ ସଂସ୍କୃତି ସଂସଦ ତରଫରୁ ଏକ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ପୀତାମ୍ବର ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଡ. ସୁଧାକର ଦାସ ସଭାପତିତ୍ୱ କରିଥିଲେ। ନାଇଜରର କୁଳ ସଚିବ ଡ. ଅଭୟ କୁମାର ନାୟକ, ଇଂ.ନାରାୟଣ ସାହୁ, ସନ୍ଥ ଦିବାକର ଦାସ ମହାରାଜ, କବି କାଳିପ୍ରସାଦ ମହାପାତ୍ର, ଆଷାଢ଼ ସାହିତ୍ୟ ସଂସଦ ସମ୍ପାଦକ ଖଗେଶ୍ୱର ମହାରଣା, ବ୍ୟଙ୍ଗକବି ପ୍ରତାପ ବେହେରା, ଅଧାପକ ହେମନ୍ତ ଦାଶ, ପଣ୍ଡିତ ଗୁରୁପ୍ରସାଦ ରଥ ଆଲୋଚକ ଭାବେ ଯୋଗଦେଇ ଶିକ୍ଷା ଓ ସଂସ୍କୃତି ଉଭୟ ପରିପୂରକ ବୋଲି କହିଥିଲେ। ବିବେକାନୁମୋଦିତ କାର୍ଯ୍ୟ କଲେ ସମାଜରୁ କୁସଂସ୍କାର ଦୂରିଭୁତ ହେବା ସହ ଶୃଙ୍ଖଳିତ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଓ କବି ପ୍ରିୟତମା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କବିମାନଙ୍କ ଦ୍ୱାରା କବିତା ପାଠ ଉତ୍ସବ କରାଯାଇଥିଲା। ଏମ୍‌ସ ହସପିଟାଲର ଡ. ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

■ ଜାଗରରେ ଖାଁ ଖାଁ ଶିବ ମନ୍ଦିର

# ୪ ବର୍ଷ ହେଲା ଆସୁନାହାନ୍ତି ଶ୍ରଦ୍ଧାଳୁ

ପାରାଦୀପ,୩।୩(ସ୍ୱ.ପ୍ର.)

ସୋମବାର ମହାଶିବରାତ୍ରୀ ବା ଜାଗର। ଏଥିପାଇଁ ପୁରପଲ୍ଲୀରେ ଥିବା ସମସ୍ତ ଶୈବପୀଠରେ ରବିବାର ରାତିରୁ ଗହଳି ଚହଳି ଲାଗିଛି। ହିନ୍ଦୁ ଧର୍ମାବଲମ୍ବୀମାନେ ଉପବାସ ଓ ଉଜାଗର ରହି ସୋମବାର ରାତିତମାମ ମନ୍ଦିର ବେଢାରେ ଦୀପ ଜାଳି ମହାଦୀପ ଦର୍ଶନ କରିବେ। ଭଜନ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ୍ଦିର ବେଢା ଫାଟି ପଡ଼ିବ। ବେଢା ଚତୁଃପାର୍ଶ୍ୱରେ ଭୋଗ, ଦୀପ ଦୋକାନ ଖୋଲିବ। ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇପଡିବ। ଏପରିକି କେତେକ ସ୍ଥାନରେ ଅତ୍ୟଧିକ ଭିଡ଼ ଯୋଗୁ ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ କରାଯିବ। କିନ୍ତୁ ପାରାଦୀପରେ ଏମିତି ଏକ ଶିବ ମନ୍ଦିର ରହିଛି, ଯେଉଁଠିକୁ ଗତ ୪ ବର୍ଷ ହେଲା କୌଣସି ଭକ୍ତ ଯାଉନାହାନ୍ତି। ଉକ୍ତ ମନ୍ଦିର ଏବେ ଦୟନୀୟ ସ୍ଥିତିରେ ରହିଛି, ଯାହାକି କେବଳ ବୁଲା କୁକୁରଙ୍କ ଆଶ୍ରୟସ୍ଥଳୀ ହୋଇଛି। କିନ୍ତୁ ମନ୍ଦିରଟି ସେମିତି ପାଲଟିଛି। ଦ୍ରୁତ ଶିଳ୍ପାୟନ ଯୋଗୁ ଶିଳ୍ପ ରହିଯାଇଛି। ପାରାଦୀପ ନେହେରୁ ସମ୍ପ୍ରସାରଣ ସହ ଜନବସତି ସ୍ଥାନାନ୍ତର ବଙ୍ଗଳାସ୍ଥିତ ପୁରୁଣା ସିଆଇଏସ୍‌ଏଫ୍ କମ୍ପ୍ଲେକ୍ସ ଅଞ୍ଚଳରେ ରହିଛି ଏହି ଶିବ ମନ୍ଦିର। ୧୯୭୦ରୁ ୨୦୧୬ ପର୍ଯ୍ୟନ୍ତ ସେହି ଅଞ୍ଚଳରେ ଜନବସତି ଥିଲା। ସେହି ଆଧାରରେ ୭୦ ଦଶକରେ ସ୍ଥାନୀୟ ଲୋକେ ଶିବ ମନ୍ଦିର କରି ପୂଜାର୍ଚ୍ଚନା କରୁଥିଲେ। ଜାଗର ଦିନ ସେଠାରେ ପ୍ରବଳ ଗହଳି ହେଉଥିଲା। କିନ୍ତୁ ପାରାଦୀପ ବନ୍ଦର ସମ୍ପ୍ରସାରଣ ପରେ ସେଠାରେ ଥିବା କମ୍ପ୍ଲେକ୍ସକୁ ଭାଙ୍ଗିଦିଆଯାଇଥିଲା। ସିଆଇଏସ୍‌ଏଫ୍ କଲୋନୀ ଷଣ୍ଢକୁଦ ବସ୍ତି ପାଖକୁ ଉଠିଯାଇଛି। ଠିକା ସଂସ୍ଥା ପକ୍ଷରୁ ସେଠାରେ ଥିବା ସମସ୍ତ ଘରକୁ ଭଙ୍ଗାଯାଇ ପଣ୍ୟ ରଖିବା ପାଇଁ ପ୍ଲଟ୍ କରାଯାଇଛି। କିନ୍ତୁ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ମନ୍ଦିର ଭାଙ୍ଗିବାକୁ ସାହସ କରାଯାଇନାହିଁ। ଏବେ ମଧ୍ୟ ମନ୍ଦିର ଭିତରେ ଶିବଲିଙ୍ଗ ରହିଛି। ହେଲେ ତାହା ଅପୂଜା। ଜାଗରରେ ସମସ୍ତ ଶୈବପୀଠ ଚଳଚଞ୍ଚଳ ଥିବାବେଳେ ଏଠାରେ ଅସମ୍ଭବ ନୀରବତା ପରିଲକ୍ଷିତ ହେଉଛି।



ନେହେରୁ ବଙ୍ଗଳାସ୍ଥିତ ପୁରୁଣା ସିଆଇଏସ୍‌ଏଫ୍ କମ୍ପ୍ଲେକ୍ସ ଅଞ୍ଚଳରେ ଥିବା ଶିବ ମନ୍ଦିର।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ୧୭ ହଜାର ଲୁଟ୍

ପାଟକୁରା, ୩।୩ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଘନଶ୍ୟାମପୁର ଗ୍ରାମର ଗୌରାଙ୍ଗ ଚରଣ ନାୟକ(୪୨)ଙ୍କଠାରୁ ଗରଦପୁର-ନୂଆପଡ଼ା ରାସ୍ତାରୁ କେତେଜଣ ଦୁର୍ବୃତ୍ତ ଶନିବାର ରାତିରେ ଟଙ୍କା ଲୁଟି ନେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ରଘୁନାଥପୁର ଥାନା ଅଧୀନ ବାବୁଜଙ୍ଗରୁ ଗୌରାଙ୍ଗ ଶନିବାର ରାତିରେ ତାଙ୍କ ସାଙ୍ଗଙ୍କ ସହିତ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗରଦପୁର-ନୂଆପଡା ରାସ୍ତାର ବେଡାରୀ ନିକଟସ୍ଥ ସୁଲେମାନ ପୋଖରୀ ନିକଟରେ ୫ ଜଣ ଦୁର୍ବୃତ୍ତ ଗୌରାଙ୍ଗଙ୍କ ବାଇକ୍‌କୁ ଅଟକାଇଥିଲେ। ଏଥିସହ ତାଙ୍କୁ ବନ୍ଧୁକ ଦେଖାଇ ମୋବାଇଲ ଛଡ଼ାଇ ନେଇ ଫୋପାଡ଼ି ଦେଇଥିଲେ। ଏହାପରେ ତାଙ୍କ ନିକଟରେ ଥିବା ୧୭ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଚାନ୍ଦୋଳରେ 'ପୁଣିଥରେ ନବୀନ' ମହାସମାବେଶ

ଡେରାବିଶ, ୩।୩ (ସ୍ୱ.ପ୍ର.): ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ୧୪ ନଂ. ଜୋନ୍ ଯୁବ ବିଜେଡ଼ି ତରଫରୁ ଚାନ୍ଦୋଳଠାରେ 'ପୁଣିଥରେ ନବୀନ' ମହାସମାବେଶ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖଦି ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ାଙ୍କ ଦ୍ୱାରା ଆୟୋଜିତ ଏହି ମହାସମାବେଶରେ ଏକ ହଜାରରୁ ଊର୍ଦ୍ଧ୍ୱ ଯୁବକ ପଦଯାତ୍ରାରେ ଆସି ସଭସ୍ଥଳରେ ପହଞ୍ଚିଥିଲେ। ସଭା ପ୍ରାରମ୍ଭରେ ସନାତନ ବେହେରା ସ୍ୱାଗତ ଭାଷଣ ଦେବା ପରେ ତେଜେଶ୍ୱର ନବୀନ ସରକାରଙ୍କ ଶାସନ କାଳ ମଧ୍ୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ପୁଣିଥରେ ନବୀନଙ୍କୁ ଭୋଟ ଦେବା ସହ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିକାଶ ଧାରା ବଜାୟ ରଖିବାକୁ ତେଜେଶ୍ୱର କହିଥିଲେ। ଏହି ସମାବେଶରେ ସାହାଜାହାନ୍ ଖାଁ, ସୁନୀଲ୍ ସାମନ୍ତରାୟ, ରଶ୍ମିରଞ୍ଜନ ପ୍ରଧାନ, ଯୁବନେତା ଦିପ୍ତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭଞ୍ଜନ କୁମାର ମହାନ୍ତି, ଅକ୍ଷୟ କୁମାର ସ୍ୱାଇଁ, ପ୍ରକାଶ ଘଡ଼େଇ, ସୁବ୍ରତ ଜେନା, ରଞ୍ଜନ ସିହ୍ନା, ନିତ୍ୟାନନ୍ଦ ଜେନା, ଦେବାଶିଷ ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିଳାନ୍ୟାସ, ଲୋକାର୍ପଣ କାର୍ଯ୍ୟକ୍ରମ

ମହାକାଳପଡା,୩।୩(ଡି.ଏନ୍.ଏ.): ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁଠାରେ ଏକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ରାଜ୍ୟ ସ୍ୱାସ୍ଥ୍ୟ, ଆଇନ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ରବିବାର ସନ୍ଧ୍ୟାରେ ଲୋକାର୍ପିତ କରିଛନ୍ତି। ପରେ ଜମ୍ବୁ ହାଟ ପଡିଆରେ ଏକ ସଭାରେ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜମ୍ବୁ ଦକ୍ଷିଣ ପାର୍ଶ୍ୱ ଲୁଣା ଘେରି ବନ୍ଧର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତି, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଉପଜିଲାପାଳ ସଞ୍ଜୟ ମିଶ୍ର, ବିଶ୍ୱରଞ୍ଜନ ପତି, ରାକେଶ ମହାପାତ୍ର ଓ ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାମଚଣ୍ତୀ ସେତୁ ଲୋକାର୍ପିତ





ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ରାମଚଣ୍ଡୀ ସେତୁ ଲୋକାର୍ପିତ କରୁଛନ୍ତି।

- ୨୦୧୬ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ
- ସେତୁ ପାଇଁ ୭ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ
- ୫ ପଞ୍ଚାୟତବାସୀ ଉପକୃତ ହେବେ

ମହାକାଳପଡା, ୩।୩ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକରେ ୩୦ ବର୍ଷର ସ୍ୱପ୍ନ ଏବେ ପୂରଣ ହୋଇଛି। ଏହି ବ୍ଲକର ଗଳିଆ ନଦୀ ଉପରେ ନିର୍ମାଣ ହୋଇଥିବା ରାମଚଣ୍ତୀ ଉଚ୍ଚସେତୁକୁ ରବିବାର ଲୋକାର୍ପିତ କରାଯାଇଛି। ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧର ପ୍ରଭାକରପୁର ଖରିନାସୀ ପୂର୍ତ୍ତ ରାସ୍ତା ନିକଟ ଗଳିଆ ନଦୀ ଉପରେ ଏହି ସେତୁ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିଲା । ୧୦୫ ମିଟର ଲମ୍ବ ଏହି ସେତୁ ପାଇଁ ୭ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ନାବାର୍ଡର ଆର୍ଥିକ ସହାୟତାରେ ପୂର୍ତ୍ତବିଭାଗ ଅଧୀନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ୨୦୧୬ ନଭେମ୍ବର ୮ରେ ଏହି ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ସେତୁ କାର୍ଯ୍ୟ ୨୦୧୭ ମାର୍ଚ୍ଚରେ ଆରମ୍ଭ ହୋଇଥିବା ବେଳେ ୨୦୧୮ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଏହାର ଲୋକାର୍ପଣ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ, ଆଇନ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସେତୁ ଦ୍ୱାରା ମହାକାଳପଡା ବ୍ଲକ ଅନ୍ତର୍ଗତ ବତୀଘର, ଖରିନାସୀ, ରାମନଗର, ପେଟଛେଳା ଓ ବଉଳକଣୀ ଆଦି ୫ ପଞ୍ଚାୟତର ଲୋକେ ଉପକୃତ ହେବେ। ଏହାଦ୍ୱାରା ପାରାଦୀପ ବନ୍ଦର ଅଞ୍ଚଳକୁ ଗମନାଗମନ ସୁବିଧା ହୋଇପାରିବ। ଏଥିସହ କଟକ ଓ ଭୁବନେଶ୍ୱରରୁ ଖରିନାସୀ ଓ ରାମନଗର ଅଞ୍ଚଳକୁ ଦୈନିକ ବସ୍ ଚଳାଚଳ ହୋଇପାରିବ। ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ରାମଚଣ୍ତୀ ଗଳିଆ ନଦୀରେ ସେତୁ ନିର୍ମାଣ ପାଇଁ ୧୯୮୮ ସେପ୍ଟେମ୍ବର ୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ତତ୍କାଳୀନ ପୂର୍ତ୍ତମନ୍ତ୍ରୀ ମହମ୍ମଦ ମୁଜାଫର ହୁସେନ ଖାଁ ମିଳିତଭାବେ ଶିଳାନ୍ୟାସ କରିଥିଲେ। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୦ଟି ହ୍ୟୁମ ପାଇପରେ ପୂର୍ତ୍ତବିଭାଗ ପକ୍ଷରୁ ଏକ ବୁଡା ସେତୁ ନିର୍ମାଣ କରାଯାଇଥିଲା। ଅତ୍ୟଧିକ ସାମୁଦ୍ରିକ ଜୁଆର ଓ ଭାରିଯାନ ଚଳାଚଳ ଯୋଗୁ ମାତ୍ର ୭ ବର୍ଷ ପରେ ସେତୁଟି ଦବି ଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ମରାମତି କରାଯାଇଥିଲେ ମଧ୍ୟ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରିବାକୁ ଲୋକେ ବାଧ୍ୟ ହେଉଥିଲେ। ଏଥିପାଇଁ ଗଳିଆନଦୀ ଉପରେ ଅନ୍ୟ ଏକ ସେତୁ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ବିଧାୟକ ନାୟକ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ନବୀନ ପଟ୍ଟନାୟକ ସେତୁ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

## ଶହୀଦ ବାସୁ-ବିସୁନୀ ସ୍ମାରକୀ ପଞ୍ଚାୟତ କଲ୍ୟାଣମଣ୍ଡପର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ଅତିଥିମାନେ।

ରାଜକନିକା,୩।୩(ଡି.ଏନ୍.ଏ.)

ରାଜକନିକାସ୍ଥିତ ଶହୀଦ ବାସୁ-ବିସୁନୀ ପୀଠ ନିକଟ ବେବର୍ତ୍ତା ଶହୀଦ ସରୋବର ତଟରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶନିବାର ଅପରାହ୍ନରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଦ୍ୱାରା ଏହାର ଶୁଭାରମ୍ଭ କରାଯାଇଛି। ଏହି କଲ୍ୟାଣ ମଣ୍ଡପ ପାଇଁ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୧୯୨୨ ଏପ୍ରିଲ ୨୩ରେ ହୋଇଥିବା କନିକା ପ୍ରଜା ଆନ୍ଦୋଳନରେ ବ୍ରିଟିଶ ପୋଲିସ ଗୁଳିରେ ଶହୀଦ ବାସୁ ଓ ବିସୁନୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ଏକ ସ୍ମାରକୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଆଳି ବିଧାୟକ ଓ ରାଜକନିକା ପଞ୍ଚାୟତ ସମିତ ପକ୍ଷରୁ ଉଦ୍ୟମ କରାଯାଇ ଥିଲା। ତ୍ରୈଲୋକ୍ୟପୁର ପଞ୍ଚାୟତର ସରପଞ୍ଚ ପଙ୍କଜ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିଳାନ୍ୟାସ ଉତ୍ସବରେ କନିକା ଶହୀଦ ସ୍ମୃତି ସଂସଦର ସଭାପତି ଲକ୍ଷ୍ମୀ ନାରାୟଣ ସାହୁ, ସଭ୍ୟ ହରେକୃଷ୍ଣ ନାୟକ ଓ ଯୁବନେତା ମଙ୍ଗୁଳି ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କହ୍ନେଇଲାଲ ଜୀଉ ଟ୍ରଷ୍ଟ ବୋର୍ଡ ବୈଠକ



ବୈଠକରେ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ

ପାଟକୁରା, ୩।୩ (ଡି.ଏନ୍.ଏ.)

ଦୋଳ ମେଲଣ ପର୍ବ ପାଇଁ ପାଟକୁରାସ୍ଥିତ ଶ୍ରୀଶ୍ରୀ କହ୍ନେଇଲାଲ ଜୀଉଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡର ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ରମେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦୋଳ ପର୍ବ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୬ ତାରିଖ ଦୋଳ ଦଶମୀଠାରୁ ଠାକୁର ମନ୍ଦିରରୁ ବାହାରିବା, ବିଭିନ୍ନ ଦିବସଗୁଡ଼ିକରେ ନିର୍ଦ୍ଧାରିତ ନୀତି ଅନୁସାରେ ପାର୍ଶ୍ୱବର୍ତ୍ତୀ ବିଭିନ୍ନ ଗ୍ରାମକୁ ଯାଇ ଭୋଗ ଖାଇବା, ପୂର୍ଣ୍ଣମୀ ଦିନ କହ୍ନେଇଲାଲ ଜୀଉଙ୍କର ପ୍ରସିଦ୍ଧ ମେଲଣ ଯାତ୍ରା ସହ ଯମୁନା ସ୍ନାନ ପରେ ମନ୍ଦିର ପ୍ରବେଶ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପରିଚାଳନା ବୋର୍ଡ ପକ୍ଷରୁ ଶରତ ଚନ୍ଦ୍ର ମିଶ୍ର, ପ୍ୟାରୀମୋହନ ବେହେରା, ବିଭୂତିଭୂଷଣ ସାମନ୍ତରାୟ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ନିରଞ୍ଜନ ଆଚାର୍ଯ୍ୟ ଓ ମହନ୍ତ ଅରକ୍ଷିତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## କର୍କଟ ସଚେତନତା ଶିବିର

କେନ୍ଦ୍ରାପଡା ଅଫିସ, ୩।୩

କେନ୍ଦ୍ରାପଡା ବ୍ଲକ ଚକ୍ରୋଡା ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ କର୍କଟ ରୋଗର ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ଅଧିକାରୀ ଭିକାରୀ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ. ମଲ୍ଲିକଙ୍କ ସମେତ ସରପଞ୍ଚ ବସନ୍ତ କୁମାର ରାଉତ, ସମିତିସଭ୍ୟ ଶିବ ପ୍ରସାଦ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଦେବାଶିଷ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କର୍କଟ ରୋଗର ଭୟାବହତା ଏବଂ ଏଥିପାଇଁ ମିଳୁଥିବା ସରକାରୀ ସହାୟତା ସମ୍ପର୍କରେ ଅତିଥିମାନେ ଆଲେକପାତ କରିଥିଲେ। ଭୁବନେଶ୍ୱରର ନୂଆପଲ୍ଲୀ ହେଲଥ ଭିଲେଜ ହସ୍‌ପିଟାଲର ପ୍ରତିଷ୍ଠାତା ପ୍ରଫେସର କ୍ଷିତିଶ ଚନ୍ଦ୍ର ମିଶ୍ର ଓ ନାନକାରସ୍ଥିତ ମହାନ୍ତି ମେଡିକାଲ ଷ୍ଟୋର ପକ୍ଷରୁ ଆୟୋଜିତ ଏହି ଶିବିରରେ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

## -ପାଟକୁରା ନିର୍ବାଚନମଣ୍ଡଳୀ
# ପ୍ରାର୍ଥିତ୍ୱ ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଡେରାବିଶ, ୩।୩ (ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ଅନ୍ୟମାନେ।

ପାଟକୁରା ନିର୍ବାଚନମଣ୍ଡଳୀରେ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲ ଏହି ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ବହୁ ଭୋଟରେ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀର ସ୍ୱାଭିମାନକୁ ବଜାୟ ରଖିବା ପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀର ଜଣେ ଦକ୍ଷ କର୍ମୀଙ୍କୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦିଆଯାଉ। ବାହାର ନିର୍ବାଚନ ମଣ୍ଡଳୀର ବ୍ୟକ୍ତିଙ୍କୁ ଟିକେଟ ଦିଆ ନଯାଇ ଏଇ ମାଟିର ପୁଅକୁ ସୁଯୋଗ ଦେବା ପାଇଁ ପାଟକୁରା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରବିବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଯୋଗଦେଇ ଏହି ନିର୍ବାଚନମଣ୍ଡଳୀର ଜଣେ ଦକ୍ଷ ପ୍ରାର୍ଥୀଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପଠାଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, ବିଜେଡି ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ଶେଖ୍ ଅବଦୁଲ୍ଲା, ରଘୁଦେଇପୁର ସରପଞ୍ଚ ହରିବୋଲ ପଣ୍ଡା, ଇନ୍ଦାଲୋ ସରପଞ୍ଚ ରଶ୍ମିତା ଜେନା, ସମବାୟବିତ୍ ବୈଷ୍ଣବ ଚରଣ ସାହୁ ଓ ସରୋଜକାନ୍ତ ନାୟକ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ତ୍ରିଲୋଚନ ରାଉତ, ପୂର୍ବତନ ସମିତିସଭ୍ୟ ଗଗନ ବିହାରୀ ସାହୁ, ରାଜକିଶୋର ମଲ୍ଲ, ଯୁବନେତା ଦିଲ୍ଲୀପ କୁମାର ଦାସ, ଚିତ୍ତରଞ୍ଜନ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ପ୍ରଦୀପ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତେଣ୍ଡାକୁଡ଼ା ଗୁଳିକାଣ୍ଡ: ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

ପାଟକୁରା, ୩।୩ (ଡି.ଏନ୍.ଏ.)

**ବନ୍ଧୁକ,ଖୋକା,ବାଇକ୍ ଜବତ**

ପାଟକୁରା ଥାନା ଅଧୀନ ତେଣ୍ଡାକୁଡ଼ା ପଞ୍ଚାୟତର ବଡ଼ନୟନପୁରଠାରେ ଗତ ଗୁରୁବାର ରାତିରେ ଘଟିଥିବା ଗୁଳି ମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ପାଟକୁରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ତାଙ୍କଠାରୁ ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ, ଖୋକା ଓ ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ ନୟନପୁର ଗ୍ରାମର ସୟଦ ନଇମ୍ ଅଖତାର ଓରଫ ଫୁଲୋ (୨୦)। ଏ ନେଇ ପାଟକୁରା ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ତେଣ୍ଡାକୁଡ଼ାର ହେମନ୍ତ ବାରିକଙ୍କ ପୁଅ ପ୍ରଶାନ୍ତ(୩୧)ଙ୍କଠାରୁ ଫୁଲୋ କିଛି ଟଙ୍କା ଧାର ସୂତ୍ରରେ ଆଣି ସୁଝି ପାରି ନ ଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଥିଲା। ତେବେ ପୂର୍ବରୁ ଦୁହେଁ ବନ୍ଧୁ ଥିବାରୁ ଗତ ୨୮ ତାରିଖ ରାତି ପ୍ରାୟ ସାଢ଼େ ୯ଟା ବେଳେ ଫୁଲୋ ବିଲହାଟସ୍ଥିତ ପ୍ରଶାନ୍ତଙ୍କ ଦୋକାନରେ ପହଞ୍ଚିଥିଲେ। ପ୍ରଶାନ୍ତ ଦୋକାନ ବନ୍ଦ କରିବା ପରେ ଉଭୟେ ଘରକୁ ଫେରୁଥିଲେ। ମାତ୍ର ବଡ଼ ନୟନପୁରଠାରେ ଫୁଲୋ ଗାଡ଼ି ରଖି ପ୍ରଶାନ୍ତଙ୍କ ଗୋଡ଼ ଓ ଜଙ୍ଘକୁ ଗୁଳି କରିବା ସହ ଏ ସମ୍ପର୍କରେ କାହାକୁ ନ ଜଣାଇବାକୁ ଧମକ ଦେଇଥିଲେ। ଫଳରେ ପ୍ରଶାନ୍ତ ଏ ସମ୍ପର୍କରେ କାହାକୁ ଜଣାଇ ନଥିଲେ। ଏବେ ତାଙ୍କୁ ପରିବାର ଲୋକେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପାଟକୁରା ଥାନାରେ ୪୦/୧୯ନଂ.ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ଫୁଲୋଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ରାପଡା ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ଜେନା, ପାଟକୁରା ଥାନା ଅଧିକାରୀ ସୁଜିତ୍ କୁମାର ପ୍ରଧାନ ଓ ତଦନ୍ତକାରୀ ଅଧିକାରୀ ମହମ୍ମଦ ଜାମସେଦ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମୁମୂର୍ଷୁ ଅବସ୍ଥାରେ ରାସ୍ତାରୁ ଯୁବକ ଉଦ୍ଧାର

ମାର୍ଶାଘାଇ,୩।୩(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ବଡପାଳଗୋଡା-ଗରଜଙ୍ଗା ରାସ୍ତାର ସତସଙ୍ଗ ମନ୍ଦିର ନିକଟରୁ ଜଣେ ବ୍ୟକ୍ତିଙ୍କୁ ରବିବାର ରାତି ୮ଟାରେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଆଦମପୁର ଗ୍ରାମର ରାଜକିଶୋର ମାହାଳି (୪୦)। ତାଙ୍କ ବେକ ଓ ପେଟରେ କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଦ୍ୟାବଧି ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ଆକ୍ରମଣର ପ୍ରକୃତ କାରଣ ଜଣା ପଡି ନ ଥିବା ବେଳେ ୨ ଜଣ ବ୍ୟକ୍ତି ଭଙ୍ଗା ମଦ ବୋତଲରେ ତାଙ୍କ ବେକ ଓ ପେଟକୁ କାଟିଦେଇଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣା ସ୍ଥଳରେ ଭଙ୍ଗା ମଦ ବୋତଲ ଦେଖିବାକୁ ମିଳିଛି।

## ରାଷ୍ଟ୍ରୀୟ ରକ୍ଷା ଦିବସ ପାଳିତ



ଭାଜପା କାର୍ଯ୍ୟାଳୟରେ ଉପସ୍ଥିତ କର୍ମୀ।

କେନ୍ଦ୍ରାପଡା ଅଫିସ, ୩।୩

କେନ୍ଦ୍ରାପଡା ସହରର ଗୋପସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ରକ୍ଷା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନିର୍ବାଚନ ମଣ୍ଡଳୀସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବରିଷ୍ଠ ନେତ୍ରୀ ଗୀତାଞ୍ଜଳୀ ସେଠୀ, ବ୍ରଜସୁନ୍ଦର ଭୂୟାଁ, ଦିପୁନା ସେନାପତି ଓ ରମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। । ଅତିଥିମାନେ ପୁଲୱାମା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିବା ବେଳେ ରାଷ୍ଟ୍ର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ସମ୍ମାନ ଜଣାଇଥିଲେ । ଏଥିସହ ଭାଜପା ସରକାରଙ୍କ ସମୟରେ ଦେଶ ସୁରକ୍ଷିତ ବୋଲି ସେମାନେ ମତ ଦେଇଥିଲେ । ଏହି ଅବସରରେ ଜିଲାର ୨୩ ଜଣ ଅବସରପ୍ରାପ୍ତ ଯବାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ କୁମାର ଦାଶ ପରିଚାଳନା କରିଥିଲେ ।

## ମା'ବାପାଙ୍କୁ ପୂଜା କଲେ ଜୀବନ ସାର୍ଥକ ହୁଏ

ଆଳି, ୩।୩ (ଡି.ଏନ୍.ଏ.)



ସମାରୋହରେ ଗ୍ରାମର ବୃଦ୍ଧାବୃଦ୍ଧମାନେ।

ମନ୍ଦିରରେ ପଥରରେ ନିର୍ମିତ ଠାକୁର ମୂର୍ତ୍ତି ପୂଜା କରିବା ଅପେକ୍ଷା ମା'ବାପାଙ୍କ ପୂଜା କରିବା ଦ୍ୱାରା ଜଣେ ବ୍ୟକ୍ତି ଉଜ୍ଜ୍ୱଳ ଭବିଷ୍ୟତର ଅଧିକାରୀ ହୋଇପାରିବ। ଆଳି ବ୍ଲକ ବାଳକାଟି ପଞ୍ଚାୟତ ଅଧୀନ ସାନଆଙ୍କୋ ଗ୍ରାମରେ ରବିବାର ଆୟୋଜିତ ପୂଜ୍ୟପୂଜା ସମାରୋହରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ସାନଆଙ୍କୋ ଯୁବ ପରିଷଦ ଓ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ ମୁଖ୍ୟଅତିଥି, ଶିକ୍ଷାବିତ୍ ପଣ୍ଡିତ ପ୍ରତାପ କୁମାର ପତି ମୁଖ୍ୟବକ୍ତା ଓ ଆଳି ନ୍ୟାଶନାଲ ଆଇଟିଆଇର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ୪୩ ଜଣ ବୃଦ୍ଧାବୃଦ୍ଧଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ବୃଦ୍ଧାବୃଦ୍ଧଙ୍କୁ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣଠାରେ ଅନୁଷ୍ଠିତ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ଅତିଥିମାନେ ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ପାଦ ଛୁଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଗ୍ରାମର ନିର୍ମଳ ସ୍ୱାଇଁ ଓ ଶରତ ରାଉତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିରଞ୍ଜନ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ସୁବାସ ରାଉତ ଧନ୍ୟବାଦ ଦେଇଥିଲେ।

## ଭାଜପାର ଖବରଦାତା ସମ୍ମିଳନୀ
# ଅଧିକାରୀଙ୍କ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଯାଉଛି

କେନ୍ଦ୍ରାପଡା ଅଫିସ, ୩।୩



ଜିଲାର ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନ ଅଧିକାରୀଙ୍କ ଦୁର୍ନୀତିକୁ ଜିଲାର ନିର୍ବାଚିତ ଲୋକ ପ୍ରତିନିଧିମାନେ ଘଣ୍ଟ ଘୋଡ଼ାଉଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲାରେ ଖୋଲାଯାଇଥିବା ଧାନମଣ୍ଡିଗୁଡିକରେ ୫ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରି ହୋଇ ନ ପାରି ପଡିରହିଛି। ଚାଷୀ ଧାନ ବିକ୍ରୟ କରି ନ ପାରିଲେ ଋଣ କିପରି ସୁଝିବେ ସେନେଇ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରାଯାଇଛି। ଚାଷୀଙ୍କ ଦୁଃଖ ରାଜନେତାଙ୍କ କାନରେ ପହଞ୍ଚିପାରୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଗତ ୧୦ ମାସ ମଧ୍ୟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଥର ଗୁଳିଚାଳନା ହେଇଛି । ମାତ୍ର ଏନେଇ ନିର୍ବାଚିତ ବିଧାୟକଙ୍କ ଦ୍ୱାରା ବିଧାନସଭାରେ ସ୍ୱର ଉଠିଲା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, ବିଦ୍ୟୁତ ଆଦି ମୌଳିକ ସେବା ଜିଲାବାସୀଙ୍କ ପାଖରେ ପହଞ୍ଚିପାରୁନାହିଁ। ତୃଣମୂଳସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ଅପରପକ୍ଷେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଦୁର୍ନୀତିକୁ ଜିଲାର ବିଧାୟକମାନେ ଲୁଚାଉଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ସରକାରୀ ଯୋଜନାଗୁଡିକୁ ସଫଳ ରୂପାୟନ କରି ପାରୁ ନ ଥିବା ଜିଲାପାଳ ଓ ଏସପିଙ୍କୁ ବଦଳି କରିବାକୁ ସେମାନେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ନେତା ଭୁବନମୋହନ ଜେନା, ସୁନାକର ବେହେରା ଓ ଉପିନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀ ଶ୍ରୀ ବଛଗୋସାଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାଜନଗର, ୩।୩(ଡିଏନଏ):** ରାଜନଗର ବ୍ଲକ ଓସ୍ତିଆ ଗ୍ରାମରେ ଶ୍ରୀ ଶ୍ରୀ ବଛଗୋସାଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ ସଭା ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି। ସୋମବାର ମହାଶିବରାତ୍ରି ଅବସରରେ ମହାଦୀପ ଉତ୍ତୋଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ୯ ତାରିଖ ଦିନ ଏହି ଉତ୍ସବ ଉଦ୍‌ଯାପନ ହେବ। ଏହି କାର୍ଯ୍ୟକ୍ରମରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଓ ରାଣୀ ମୃଣାଳିନୀ ଦେବୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ସମବାୟ ସମିତି ସମ୍ପାଦକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ଡେରାବିଶ,୩।୩ (ସ୍ୱ.ପ୍ର.):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ଅଧୀନ ଦାନପୁର ସେବା ସମବାୟ ସମିତିର ସମ୍ପାଦକ ବଂଶୀଧର ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସମିତିର ପୂର୍ବତନ ସଭାପତି ନିଶାମଣି ବେହେରା ଅଧ୍ୟକ୍ଷତା କରିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖାର ପରିଚାଳକ ରବିନ୍ଦ୍ର କୁମାର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ବେହେରା ଦୀର୍ଘ ୪୦ ବର୍ଷ ଧରି ଏହି ସମବାୟ ସମିତିରେ ପ୍ରଥମେ ସହ-ସମ୍ପାଦକ ଓ ପରେ ସମ୍ପାଦକ ଭାବେ କାର୍ଯ୍ୟଭାବ ସମ୍ଭାଳି ଥିଲେ। ଅବସର ନେବା ଅବସରରେ ଶୁକ୍ରବାର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଙ୍କ ପରିଚାଳକ ବିଶ୍ୱାଳ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନା କମିଟିର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ବଳ, ରମେଶ ଚନ୍ଦ୍ର ପଣ୍ଡା, ଶୀତଳ ସ୍ୱାଇଁ, ଜୟନ୍ତ ଶତପଥୀ, ରଜତ କୁମାର ବଳ, ମଳୟ କୁମାର ବେହେରା ପ୍ରମୁଖ ବିଦାୟୀ ସମ୍ପାଦକ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ସମ୍ପର୍କରେ କହିଥିଲେ। ପରିଚାଳନା କମିଟିର ନିର୍ଦ୍ଦେଶିକା ଅଞ୍ଜୁଶ୍ରୀ ଜେନା ଓ ସୁପ୍ରଭା ବେହେରା ବିଦାୟୀ ସମ୍ପାଦକ ବେହେରାଙ୍କ ଅବସର ଜୀବନ ଦୀର୍ଘ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବକୁ ସମିତିର ସମ୍ପାଦକ ସୁବ୍ରତ କୁମାର ନାୟକ, କର୍ମଚାରୀ ତନ୍ମୟ ବେହେରା, ଉମେଶ ଚନ୍ଦ୍ର ପରିଡ଼ା, ସଚ୍ଚିଦାନନ୍ଦ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସମିତିର ସଭାପତି ପର୍ଶୁରାମ ମଲ୍ଲ ଧନ୍ୟବାଦ ଦେଇଥିଲେ।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ରାଜନଗର, ୩।୩(ଡିଏନଏ) :** ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଶନିବାର ୭ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟକ ମହାନ୍ତି ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଦେବେନ୍ଦ୍ର ନାରାୟଣପୁର ଚେକ୍‌ଡ୍ୟାମ, କମଳପୁର-ବଡାଡିଆ ନାଳ ଉପରେ ସ୍ଲୁଇସ୍, କୋଳଡିଅ (ବଡଓଲରା) ଚେକ୍‌ଡ୍ୟାମ ନିର୍ମାଣ, ନରଣପୁର କାଠୁଆଗଣ୍ଡ ଚେକଡ୍ୟାମ, ମଧପଡା-ଅଙ୍ଗାରୁଆ ଯୋର ଚେକ୍‌ଡ୍ୟାମ , ଆଳି ରିଙ୍ଗ ବନ୍ଧ ବ୍ରାହ୍ମଣୀ ନାଳ ଉପରେ ଉଚ୍ଚସେତୁ ନିର୍ମାଣ ଓ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ବନ୍ଧପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର ରାଉତରାୟ, ଅଶୋକ ବଳ, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି , ୩୨ ନଂ ଜୋନ ସଭାପତି ମାଧବ ଚନ୍ଦ୍ର ମାନା, ସରପଞ୍ଚ ରମେଶ କୁମାର ବେହେରା, ବିଜୟ କୁମାର ମାଇତି, ପ୍ରଭାତ କୁମାର ବେହେରା, ସୁବାସ କୁମାର ବେହେରା, ଦେବେନ୍ଦ୍ର କୁମାର ଜେନା, ଅନନ୍ତ କୁମାର ସେଠୀ, ରମେଶ ମିସ୍ତ୍ରୀ, ଖଗେଶ୍ୱର ଲେଙ୍କା, ପ୍ରଭାକର ସେଠୀ, ସୁମନ୍ତ ସେଠୀ, ବନମାଳୀ ସ୍ୱାଇଁ, ନଳିନୀ ସ୍ୱାଇଁ, କାମଦେବ ରାଉତ ପ୍ରମୁଖ ଯୋଗଦେଇଥିଲେ।

■ ପ୍ରତିକୂଳ ପାଗ ଯୋଗୁ ରଷିକୁଲ୍ୟା ମୁହାଣରେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ

# ଗହୀରମଥାରେ ୪ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛଙ୍କ ସମୂହ ଅଣ୍ଡାଦାନ

**ରାଜନଗର, ୩।୩(ଡିଏନଏ)**

ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି ଦ୍ୱୀପରେ ୫ଦିନ ଧରି ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ରବିବାର ସୁଦ୍ଧା ୪ ଲକ୍ଷରୁ ଊର୍ଦ୍ଧ୍ୱ ଅଲିଭରିଡଲେ ମାଆ କଇଁଛ ସମୂହ ଅଣ୍ଡାଦାନ କରିଛନ୍ତି। କଇଁଛମାନେ ବାବୁବାଲି ଦ୍ୱୀପର ନରମ ବାଲିରେ ଗାତ ଖୋଳି ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି। ଲକ୍ଷ ଲକ୍ଷ ଅଲିଭରିଡଲେ କଇଁଛଙ୍କ ସମାଗମ ଗହୀରମଥାର ପ୍ରାକୃତିକ ପରିବେଶକୁ ଦ୍ୱିଗୁଣିତ କରିଛି। ଏହାଛଡା ଅଗରନାସୀ ଦ୍ୱୀପ, ସାତଭାୟା, ପେଣ୍ଠ ଓ ବରୁଣେଇ ମୁହାଁଣର ବିସ୍ତୀର୍ଣ୍ଣ ବେଳାଭୂମିରେ କଇଁଛମାନେ ଅଣ୍ଡାଦାନ କରୁଛନ୍ତି। ଅପରପକ୍ଷରେ ପ୍ରତିକୂଳ ପାଗ ଯୋଗୁ ଗଞ୍ଜାମ ଜିଲାର ରଷିକୂଲ୍ୟା ମୁହାଣ ଠାରେ ଚଳିତବର୍ଷ ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ଅଲିଭରିଡଲେ କଇଁଛ ଅଣ୍ଡାଦାନ ପାଇଁ ଶୁଖିଲା ବାଲିକୁ ପସନ୍ଦ କରିଥାନ୍ତି । କଇଁଛ ବେଳାଭୂମିରେ ବାଲି ଖୋଳି ଭିତରେ ଅଣ୍ଡା ଦେବା ପରେ ପୁଣି ଘୋଡାଇ ଦେଇଥାନ୍ତି । ଗତ ଦୁଇ ଦିନ ହେଲା ପାଗ ମେଘୁଆ ଓ କୋହଲା ରହିଛି । ଝିପି ଝିପି ବର୍ଷା ମଧ୍ୟ ହୋଇଛି । ଫଳରେ ଉପକୂଳ ବାଲି ଓଦା ହେବା ଯୋଗୁ ଏପରି ସମସ୍ୟା ଦେଖାଦେଇଛି । ଏଥିଯୋଗୁ କଇଁଛ ବିଶାରଦ ଓ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି ହୋଇଛି। ପ୍ରତିବର୍ଷ ରଷିକୂଲ୍ୟା ମୁହାଣ ଓ ଗହୀରମଥାରେ ଅଲିଭରିଡଲେ କଇଁଛ ସମୂହ ଅଣ୍ଡାଦାନ କରିଥାନ୍ତି। ଚଳିତବର୍ଷ ରଷିକୂଲ୍ୟା ପରିବର୍ତ୍ତେ ଗହୀରମଥାର ବାବୁବାଲି ଦ୍ୱୀପର ଅନୁକୂଳ ପରିବେଶ ମଧ୍ୟରେ ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ କରୁଛନ୍ତି । ଆଉ ଦିନ କେଇଟା ପରେ କଇଁଛମାନେ ଅଣ୍ଡାଦାନ ସାରି ଗଭୀର ସମୁଦ୍ରକୁ ଫେରିଯିବେ। ୬୦ଦିନ ପରେ ଅଣ୍ଡାଗୁଡିକରୁ ଛୁଆ ଫୁଟିବା ଆରମ୍ଭ କରିବ। ସବୁଠୁ ବଡକଥା ହେଲା ବାବୁବାଲି ଦ୍ୱୀପର ଅଢେଇ କିଲୋମିଟର ବ୍ୟାପି ବେଳାଭୂମିରେ ଅଲିଭରିଡଲେ କଇଁଛ ଅଣ୍ଡାଦେବା ସମୟରେ ବହୁ ଅଣ୍ଡା ନଷ୍ଟ ହେବାର ଦେଖିବାକୁ ମିଳୁଛି। ଗୋଟିଏ କଇଁଛ ଅଣ୍ଡାଦେଇ ଫେରିବା ପରେ ଅନ୍ୟ କଇଁଛମାନେ ସେହି ଏକାସ୍ଥାନରେ ଗାତ ଖୋଳିଅଣ୍ଡା ଦେବା ଯୋଗୁ ପୂର୍ବରୁ ସେଠାରେ ଥିବା ଅଣ୍ଡା ନଷ୍ଟ ହେଉଛି । କଇଁଛମାନଙ୍କୁ ସୁରକ୍ଷା ଦେବା ଲାଗି ରାଜନଗର ବନବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେଠାରେ ନିର୍ମିତ ଅସ୍ଥାୟୀ କ୍ୟାମ୍ପରେ ଗହୀରମଥାର ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ରବିବାର ପୁରୀ ବନପ୍ରାଣୀ ଡିଭିଜନର ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଭଦ୍ରକ ଡିଏଫଓ ଅମ୍ଳାନ ନାୟକ, ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ କଇଁଛ ଅଣ୍ଡାଦାନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଛନ୍ତି ।



ବାବୁବାଲି ଦ୍ୱୀପରେ କଇଁଛଙ୍କ ଅଣ୍ଡାଦାନ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

**ରାଜନଗର,୩।୩(ଡିଏନଏ)**

ରାଜନଗରସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନଙ୍କ ସଭାପତିତ୍ୱରେ ଶୁକ୍ରବାର ହୋଇଥିବା ଏହି ଉତ୍ସବରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ରମାନେ ଆମ ଦେଶର ଭବିଷ୍ୟତ। ସେମାନଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ ଏହି ବିଦ୍ୟାଳୟର ଉଲ୍ଲେଖନୀୟ ଅବଦାନକୁ ଜିଲାପାଳ ଶତପଥୀ ଭୂୟସୀ ପ୍ରଶଂସା କରିଥିଲେ। ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବିଡିଓ ମନ୍ଦରଧର ମହାଲିକ, ଡ. ଜୟନ୍ତୀ ମିଶ୍ର, ରୋଜାଲିନ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଦୁର୍ଗାଚରଣ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କବିତା ପ୍ରଧାନ, ରୀତାଞ୍ଜଳି ଦାସ, ପ୍ରୀତିମୟୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାଜପାର ସଚେତନତା କାର୍ଯ୍ୟକ୍ରମ

**ମାର୍ଶାଘାଇ,୩।୩(ଡିଏନଏ)**




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସହର ଠାରୁ ମଫସଲ ପର୍ଯ୍ୟନ୍ତ ମଦ ଦୋକାନ ସଂଖ୍ୟା ବଢି ଚାଲିଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ମଦ ବିରୋଧରେ ସଚେତନ କରିବା ପାଇଁ ମହାକାଳପଡା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ମଦରୁ ମୁକ୍ତି ହେଲେ ପରିବାରର ଉନ୍ନତିହେବ ବୋଲି ମହିଳାମାନଙ୍କୁ ବୁଝାଇବା ପାଇଁ ମାର୍ଶାଘାଇର କାନପୁରସ୍ଥିତ ଶାରଳା ମଣ୍ଡପରେ ରବିବାର ଏକ ସଚେତନତା କାର୍ଯ୍ୟକ୍ରମ ଭାଜପା ତରଫରୁ ଅନୁଷ୍ଠିତ ହୋଇଥିଲା। ୨୫ନଂ ଜୋନ ସଭାପତି ଇଂ ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଭୁବନ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ମଦ ଯୋଗୁ କିଭଳି ନିରୀହ ଲୋକଙ୍କ ପରିବାର କ୍ଷତିଗ୍ରସ୍ତ ହେଉଛି ବୁଝାଇଥିଲେ। ସେଥିରୁ ନିସ୍ତାର ପାଇବା ପାଇଁ ମହିଳାମାନେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତି ଆନ୍ଦୋଳନର ପୁରୋଧା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ମଦ ବିରୋଧରେ କରୁଥିବା ଆନ୍ଦୋଳନକୁ ପ୍ରଶଂସା କରିଥିଲେ। ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଜିଲା ଭାଜପା ସାଧାରଣ ସଂପାଦକ ହେମନ୍ତ ପରିଡା,ସଂପାଦକ ପ୍ରସନ୍ନ ପରିଡା,ସୁକାନ୍ତ ଦାସ,ଯୁବ ନେତା ସୁଶାନ୍ତ ସାହୁ, ସୁଶାନ୍ତ ଜେନାଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ମାର୍ଶାଘାଇ ୨୫ ନଂ ଜୋନ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଯୋଗଦେଇ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହେବାକୁ ଶପଥ ନେଇଥିଲେ।

## ୮ରୁ ଶ୍ରୀମଦ୍ ବାୟାବାବାଙ୍କ ପ୍ରାଦେଶିକ ଧର୍ମ ସମ୍ମିଳନୀ ଆରମ୍ଭ

**ରାଜନଗର, ୩।୩(ଡିଏନଏ)**

ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଚଳିତମାସ ୮ ତାରିଖ ଠାରୁ ଜନ୍ମପୀଠ କେରଡାଗଡଠାରେ ଆରମ୍ଭ ହେବ। ଏହି ଧର୍ମ ସମ୍ମିଳନୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦିବସରେ ରାଜ୍ୟର ବିଭିନ୍ନ ପ୍ରାନ୍ତରର ସାଧୁସନ୍ଥ ଓ ତାଙ୍କ ଆଶ୍ରିତ ପ୍ରବାଚକମାନେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜେରଡାଗଡ ଆଶ୍ରମ କଳ୍ପତରୁ ସଚ୍ଚିନନ୍ଦନ ଟ୍ରଷ୍ଟ ସେବାସଂଘ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କପିଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୨ ମୌଜାର ନାମସଂକୀର୍ତନ ଦଳ ଓ ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ସାଧୁସନ୍ଥଙ୍କୁ ସ୍ୱାଗତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଅରୁଣ କୁମାର ସାହୁ, କୈଳାସ ଚନ୍ଦ୍ର ପରିଡା, କୈଳାସ ଚନ୍ଦ୍ର ମହାନ୍ତି, ନଟବର ରାଉତ, ଅରୁଣ କୁମାର ରାଉତ, ବସନ୍ତ ପାତ୍ର, ଅକ୍ଷୟ ଦାସ, ଅନାଦି ରାଉତ, ଅନନ୍ତ ରାଉତ, ନୀଳମଣି ଦାସ, ନବକିଶୋର ପାତ୍ର, ବୈଲୋଚନ ଦାସ, କୃଷ୍ଣ ପ୍ରଧାନ, ବେଣୁଧର ନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

**ପଟ୍ଟାମୁଣ୍ଡାଇ, ୩।୩ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୩ତମ ସାମ୍ବିଧାନିକ ସମ୍ମିଳନୀ ସ୍ଥାନୀୟ ମଙ୍ଗଳା ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ସଂଘର ବରିଷ୍ଠ ସଦସ୍ୟ ସୁନାମଣି ଦାଶ ପୌରୋହିତ୍ୟ କରିଥିଲେ । ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ଧନେଶ୍ୱର ପାତ୍ର ଓ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ । ଆଳି ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ ଓ ପ୍ରଦୀପ କୁମାର ରଥ, ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ସଂଘର ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବା ସହିତ ଶିକ୍ଷକ ଓ ଶିକ୍ଷାୟତନ ସମସ୍ୟାର ସମାଧାନ କରିବା ଉପରେ ଶିକ୍ଷକମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୀତାରାଣୀ ରାୟ, ନିହାରିକା ପରିଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ମହାନ୍ତି ଓ ପଦ୍ମଲୋଚନ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପୂର୍ବ ସଂଘର କାର୍ଯ୍ୟକାଳ ଶେଷ ହୋଇ ଯାଇଥିବାରୁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘର ସଭାପତି ଭାବେ ରବି ନାରାୟଣ ମହାପାତ୍ର, ଉପସଭାପତି ଭାବେ ବସନ୍ତ କୁମାର ଓଝା, ସମ୍ପାଦକ ଭାବେ କରୁଣାକର ଭଳ, ଯୁଗ୍ମ ସମ୍ପାଦକ ଭାବେ ଅରୁଣ କୁମାର ଦାସ, ସହ ସମ୍ପାଦକ ଭାବେ ବୀରକିଶୋର ସାହୁ ଓ ଶ୍ରୀକାନ୍ତ କୁମାର ଶତପଥୀ ଏବଂ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର ନାଥ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା । ଉପଦେଷ୍ଟା ଭାବରେ ରଞ୍ଜିତ କୁମାର ସାମଲ, ସୁନାମଣି ଦାଶ ଓ ପ୍ରତିଭା ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ । ଶେଷରେ ଶିକ୍ଷକ ତୁଷାରକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ସାନବଡଗୋପାଳପୁର ପଞ୍ଚାୟତ ୱାର୍ଡ କମିଟି ବୈଠକ

**ରାଜନଗର,୩।୩ (ଡିଏନଏ)**

ରାଜନଗର ବ୍ଲକର ସାନବଡଗୋପାଳପୁର ପଞ୍ଚାୟତ ବିଜୁ ଜନତା ଦଳର ୱାର୍ଡ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚାୟତ ସଭାପତି ବିଚିତ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ନେତା ତଥା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ ପଞ୍ଚାୟତରେ ଦଳର ସାଙ୍ଗଠନିକ ସ୍ଥିତି ସଂପର୍କରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସେ ସରକାରଙ୍କ ପିଠା, କାଳିଆ, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନା ସଂପର୍କରେ ଘରକୁ ଘର ବୁଲି ଲୋକଙ୍କୁ ଅବଗତ କରାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ୱାର୍ଡକମିଟି ଗଠନ କରାଯାଇଥିଲା। ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ଅରୁଣ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ନବ କିଶୋର ପାତ୍ର, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ରୀ ଶ୍ରୀ ଚନ୍ଦ୍ରମୌଳିଙ୍କ ଜାଗରଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି



ଶ୍ରୀ ଚନ୍ଦ୍ରମୌଳି ମହାଦେବଙ୍କ ମନ୍ଦିର।

**ରାଜନଗର, ୩।୩(ଡିଏନଏ)**

ଉପକୂଳ ଓଡିଶାର ଅନ୍ୟତମ ପ୍ରାଚୀନ ଶୈବପୀଠ ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚନ୍ଦନନଗର ଚନ୍ଦନକ୍ଷେତ୍ରର ଶ୍ରୀ ଶ୍ରୀ ଚନ୍ଦ୍ରମୌଳି ମହାଦେବଙ୍କ ଜାଗରଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ରବିବାର ଚନ୍ଦ୍ରମୌଳିଙ୍କ ପୀଠରେ ମନ୍ଦିର ଟ୍ରଷ୍ଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂଙ୍କ ପୌରୋହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତବର୍ଷ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା କରାଯାଉଛି । ପ୍ରତିବର୍ଷ ଜାଗର ଯାତ୍ରାରେ ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଶିବଭକ୍ତମାନେ ମନ୍ଦିର ପରିସରରେ ଉଜାଗର ରହି ଦୀପ ଜାଳିଥାନ୍ତି। ସେମାନଙ୍କର ମାନସିକ ପୂରଣ ପାଇଁ ଯେପରି ସୁରକ୍ଷିତ ଦୀପଦାନ କରିପାରିବେ, ସେଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସୋମବାର ଭୋର ୪ଟାଠାରୁ ଶ୍ରୀ ଶ୍ରୀ ଚନ୍ଦ୍ରମୌଳିଙ୍କ ନୀତିକାନ୍ତି ଆରମ୍ଭ ହେବ। ମହାସ୍ନାନ, ବିଭିନ୍ନ ପ୍ରହରର ନୈବେଦ୍ୟ ପରେ ବିଳମ୍ବିତ ରାତ୍ରିରେ ମହାଦୀପ ଉଠିବ। ଜାଗର ଯାତ୍ରା ପାଇଁ ସ୍ଥାନୀୟ ଅଞ୍ଚଳର ଯେଉଁମାନେ ମୁମ୍ବାଇ, ନୂଆଦିଲ୍ଲୀ, କଲିକତା, ହାଇଦ୍ରାବାଦ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ପ୍ରଭୃତି ଅଞ୍ଚଳରେ ଅଛନ୍ତି , ସେମାନେ ଏବେ ଗାଁ ମୁହାଁ ହୋଇଛନ୍ତି । ମନ୍ଦିର ଚାରିପାର୍ଶ୍ୱରେ ଉଜ୍ଜଳ ଆଲୋକର ବ୍ୟବସ୍ଥା କରାଯାଇଛି।

■ ରାଜନଗର ନିର୍ବାଚନମଣ୍ଡଳୀ

# ନିର୍ବାଚନ ଦୌଡ଼ରେ ଆଶାୟୀଙ୍କ ଭିଡ଼

**ରାଜନଗର, ୩।୩(ଡିଏନଏ)**



ଅଲେଖ ଜେନା



ଅଂଶୁମାନ ମହାନ୍ତି



ଧ୍ରୁବ ସାହୁ



ଜ୍ଞାନଦେବ ବେଉରା



କୃତ୍ତିବାସ ପାତ୍ର

କେନ୍ଦ୍ରାପଡା ଜିଲାର ସବୁଠୁ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ ଭାବେ ରାଜନଗର ପରିଚିତ। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ପଟ୍ଟାମୁଣ୍ଡାଇ, ରାଜନଗର ବ୍ଲକ ସମେତ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ରହିଛି। ଆସନ୍ତା ସାଧାରଣ ନିର୍ବାଚନରେ ଏହି ଆସନରେ ମୁଖ୍ୟତଃ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ନିର୍ବାଚନ ପାଇଁ ବିଜୁ ଜନତା ଦଳରେ ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଜନତା ପାର୍ଟି ମଧ୍ୟରେ ମଧ୍ୟ ବହୁ ଆଶାୟୀ ରହିଛନ୍ତି । ଦିନକୁ ଦିନ ତାଲିକା ଲମ୍ବିବାରେ ଲାଗିଛି। କଂଗ୍ରେସରୁ ବର୍ତ୍ତମାନର ବିଧାୟକ ହିଁ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାର ସମ୍ଭାବନା ରହିଛି। ରାଜ୍ୟ ସରକାର ବିଭିନ୍ନ ଜନହିତକର ଯୋଜନା ସାଙ୍ଗକୁ କୃଷକଙ୍କ ଉନ୍ନତି ପାଇଁ କାଳିଆ ଯୋଜନା କାର୍ଯ୍ୟକାରୀ କରି ଭୋଟରଙ୍କ ଆସ୍ଥା ଭାଜନ ହେବା ପାଇଁ ଉଦ୍ୟମ ଜାରି ରଖିଛି। ଆସନ୍ତା ନିର୍ବାଚନ ପାଇଁ ଶାସକ ଦଳରୁ ଜିଲା ସଭାପତି ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ର ପୂର୍ବତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଆପିକଲର ଅଧ୍ୟକ୍ଷ କୃତ୍ତିବାସ ପାତ୍ର, ରାଜନଗର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଜଗବନ୍ଧୁ ନାୟକ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି , ଯୁବନେତା ଅଜିତ ନାୟକ, ଡ.ବସନ୍ତ ସାହାଣୀ, ସଞ୍ଜୟ ଜେନା ଏବଂ ମହିଳା ପ୍ରାର୍ଥୀ ଭାବେ ଭଗବତୀ ନାୟକ, ଆଳବମ ନାୟିକା ତଥା ସାତଭାୟା ଗାଁର ଝିଅ ସୁନୀତା ପ୍ରଧାନ ପ୍ରମୁଖ ଟିକେଟ ଦୌଡରେ ସାମିଲ ହୋଇଛନ୍ତି । ସମସ୍ତେ ୩ୟ ମହଲା ସହିତ ସମ୍ପର୍କ ରଖି ସମସ୍ତଙ୍କୁ ପଛରେ ପକାଇ ଟିକେଟ ହାତେଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ୩୩ ପ୍ରତିଶତ ମହିଳାଙ୍କୁ ଆସନ୍ତା ନିର୍ବାଚନରେ ସୁଯୋଗ ଦେବା ପାଇଁ ପରୋକ୍ଷରେ ଇଙ୍ଗିତ ଦେବା ପରେ ଆଶାୟୀ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ସାହ ବଢିଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟ, ଦେଶ ସୁରକ୍ଷା କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ କୃଷକମାନଙ୍କ ପାଇଁ ନୂତନ ଯୋଜନା ଭୋଟରଙ୍କ ମାନସ ପଟରେ ବେଶ ପ୍ରଭାବ ପକାଇବାରେ ଲାଗିଛି। ଏହାକୁ ଆୟୁଧ କରି ରାଜନଗର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ପାଇଁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ମୁଖପାତ୍ର ଇଂ. ଜ୍ଞାନଦେବ ବେଉରା, ଜିଲା ସଂପାଦକ ଅଜୟ କୁମାର ବେହେରା, ଜିଲା ମିଡିଆ ପ୍ରଭାରୀ ବିଜୟ ନାୟକ, ଯୁବନେତା ସମୀର ପାତ୍ର, ସୁଧୀର ରାୟ, ରଶ୍ମିରଞ୍ଜନ ପ୍ରଧାନ, ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ରଶ୍ମିତା ବିଶ୍ୱାଳ ଟିକେଟ ଲବିରେ ଲାଗି ପଡିଛନ୍ତି । କଂଗ୍ରେସ ପକ୍ଷରୁ ବର୍ତ୍ତମାନର ବିଧାୟକ ଅଂଶୁମାନ ମହାନ୍ତି ଏକମାତ୍ର ପ୍ରାର୍ଥୀ ଭାବେ ଟିକେଟ ଦୌଡରେ ଅଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୪ ନିର୍ବାଚନରେ ସବୁ ଅଙ୍କକଷାକୁ ଭୁଲ ପ୍ରମାଣିତ କରି ଏବେର ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଶେଷ ମୁହୂର୍ତ୍ତରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ଟିକେଟ ଛଡାଇ ନେଇ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱଳ୍ପ ବ୍ୟବଧାନରେ ହାରି ଯାଇଥିଲେ। ପରବର୍ତ୍ତୀ ସମୟରେ ସାହୁଙ୍କୁ ଦଳର ସୁପ୍ରିମୋ ଜିଲା ସଭାପତି ଭାବେ ଦାୟିତ୍ୱ ଦେଇ ଦଳର ସାଙ୍ଗଠନିକ କ୍ଷେତ୍ରରେ ତାଙ୍କୁ ସକ୍ରିୟ ରଖିଥିଲେ। ପରେ ସାହୁ ଦଳୀୟ ସାଙ୍ଗଠନିକ କ୍ଷେତ୍ରରେ ନିଜକୁ ସାମିଲ କରି ଗତ ପଞ୍ଚାୟତ ନିର୍ବାଚନରେ ବଡ ସଫଳତା ହାସଲ କରିଥିଲେ। ଏହାକୁ ପୁଞ୍ଜି କରି ଆସନ୍ତା ନିର୍ବାଚନରେ ଦଳର ପ୍ରାର୍ଥୀ ହେବା ପାଇଁ ସେ ଦାବୀଦାର ଅଛନ୍ତି। ଅପରପକ୍ଷରେ ଆପିକଲର ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା କୃତ୍ତିବାସ ପାତ୍ର ଦଳୀୟ ଟିକେଟ ପାଇଁ ଲବିରେ ଅଛନ୍ତି । ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି ୭୬ହଜାର ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଧ୍ରୁବ ସାହୁ ୭୧ ହଜାର ଭୋଟ ପାଇଥିଲେ। ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଇଂ. ଜ୍ଞାନଦେବ ବେଉରା ୬ ହଜାର ଭୋଟ ପାଇଥିଲେ। ୨୦୧୪ ନିର୍ବାଚନ ସମୟରେ ବିଧାୟକ ମହାନ୍ତିଙ୍କ ପାଇଁ ଅନୁକମ୍ପାମୂଳକ ଭୋଟ ରହିଥିବା ବେଳେ ୨୦୧୯ ନିର୍ବାଚନ ତାଙ୍କ ପାଇଁ ଅଗ୍ନିପରୀକ୍ଷାର ସମୟ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ବିଜେଡି ଓ ଭାଜପାରେ ଆଶାୟୀଙ୍କ ସଂଖ୍ୟା ବଢି ଚାଲିଥିବାରୁ ଦଳ କାହାକୁ ଟିକେଟ ଦେବ କାହାକୁ ନିରାଶ କରିବ ଏ ନେଇ କର୍ମୀଙ୍କ ମହଲରେ ଚର୍ଚ୍ଚା ଜାରି ରହିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୪/୨୦୧୯ Bhubaneswar, Monday, March 4/ 2019

## ସଂକ୍ଷେପରେ

### ଗ୍ୟାସ୍ ଡିପୋରୁ ଡକାୟତି ଉଦ୍ୟମ

ଏରସମା,୩।୩(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ଗୋଡ଼ା ରାଜପୁର ଗ୍ରାମରେ ଥିବା ଏକ ଗ୍ୟାସ ଡିପୋରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଡକାୟତି ଉଦ୍ୟମ କରିଛନ୍ତି। ପ୍ରକାଶ ଯେ, ରାଜପୁର ଗ୍ରାମର ଆଶିଷ କୁମାର ବେହେରାଙ୍କ ବେହେରା ଇଣ୍ଡେନ ଗ୍ରାମୀଣ ବିତରକ ନାମରେ ଏକ ଗ୍ୟାସ ଡିପୋ ରହିଛି। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହାର ସଟର ଭାଙ୍ଗିବାକୁ ଉଦ୍ୟମ କରିଥିଲା। ମାତ୍ର ଏଥିରେ ବିଫଳ ହେବାରୁ ପଳାଇଥିଲା। ଖବରପାଇ ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଆଇଆଇସି ପ୍ରଶାନ୍ତ ମାଝି କହିଛନ୍ତି।

### ମଦ ଜବତ, ଅଭିଯୁକ୍ତ ଗିରଫ

ଏରସମା,୩।୩(ସ୍ୱ.ପ୍ର): ଏରସମା ଥାନା ଜାନକାଦେଈପୁର ଗ୍ରାମର ବଳଭଦ୍ରପୁର ଗ୍ରାମରେ ଚୋରା ମଦ କାରବାର ଚାଲିଥିବା ଅଭିଯୋଗ ହେଉଥିଲା। ଶନିବାର ରାତିରେ ଆଇଆଇସି ପ୍ରଶାନ୍ତ କୁମାର ମାଝିଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ଦିନେଶ କୁମାର ପଟାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏହି ସମୟରେ ୩୦ ବୋତଲ ବିଦେଶୀ ମଦ ଜବତ କରାଯିବା ସହିତ ଅଭିଯୁକ୍ତ ସର୍ବେଶ୍ୱର ଦାସଙ୍କୁ ଗିରଫ କରାଯାଇଛି। ଏନେଇ କେସ ନଂ. ୧୯/୧୯ ରୁଜୁ ହେବା ସହ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ଏରସମା,୩।୩(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଖୁରାଣ୍ଟ ଗ୍ରାମର ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟବ୍ରତ ଦାସ(୩୭)। ତାଙ୍କ ନାମରେ ନଂ.୨୦୧/୧୬ରେ ଏକ ମାମଲା ରହିଛି।

# ନିଆଁ ଲିଭାଇବାକୁ ପାଣି ନାହିଁ

ଶରତ ରାଉତ
ପାରାଦୀପ,୩।୩(ସ୍ୱ.ପ୍ର.)



ତାଳଦଣ୍ଡା କେନାଲରେ ଦଳ ଭର୍ତ୍ତି ହୋଇ ରହିଛି।

- ୩ ତୈଳ ଟର୍ମିନାଲରେ ଆଗ୍ନିକ ବିପଦ ଆଶଙ୍କା
- ମହାନଦୀରେ ଜଳାଭାବ ପରଠାରୁ ବଢ଼ୁଛି ଚିନ୍ତା
- ୩ ତୈଳ କମ୍ପାନୀ ବନ୍ଦରଠାରୁ ନେଉଥିଲେ ପାଣି

ଓଡ଼ିଶାର ଅର୍ଥନୈତିକ ମୁଖଶାଳା ପାରାଦୀପରେ ଶିଳ୍ପ କାରଖାନା ପ୍ରତିଷ୍ଠାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। କେନ୍ଦ୍ର ସରକାର ପାରାଦୀପକୁ ପୂର୍ବୋଦୟର କ୍ଷେତ୍ର କହୁଥିବାବେଳେ ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶାର ମୁଖ୍ୟ ଦ୍ୱାର ବୋଲି ଅଭିହିତ କରୁଛନ୍ତି। କିନ୍ତୁ ପରିତାପର ବିଷୟ ହେଲା ପାରାଦୀପରେ ଦୁଇଟି ମୁଖ୍ୟ ସମସ୍ୟା ପ୍ରତି ଉଭୟ ସରକାରଙ୍କ ଆନ୍ତରିକତା ଥିବା ପରି ମନେ ହେଉନାହିଁ। ତାହା ହେଲା ପ୍ରଦୂଷଣ ଓ ପାଣି। ପ୍ରଦୂଷଣ ପ୍ରସଙ୍ଗକୁ ନେଇ ଏବେ ବିଭିନ୍ନ ଅନୁଷ୍ଠାନ ବିରୋଧ ପ୍ରଦର୍ଶନ କଲେଣି। କିନ୍ତୁ ପାଣି ପାଇଁ ସରକାରୀ ଭାବେ ଗତ ୨ ବର୍ଷ ହେଲା ପ୍ରଶାସନିକ ସ୍ତରରେ କଳି ଚାଲିଛି। ମହାନଦୀରେ ପାଣି ସଙ୍କଟ ହେବା ପରଠାରୁ ଏହି ବିବାଦ ବଢ଼ିଚାଲିଛି। ଏବେ ପାରାଦୀପର ୩ଟି ତୈଳ ଟର୍ମିନାଲକୁ ପାଣି କେଉଁଠୁ ଆସିବ ତାହାକୁ ନେଇ ଚିନ୍ତା ପ୍ରକଟ ହେଲାଣି।

ସାଧାରଣତଃ ତୈଳ ଟର୍ମିନାଲରେ ଆଗ୍ନିକ ବିପଦ ଥାଏ। ସେହି ଅନୁସାରେ ସେମାନେ ସବୁ ସମୟରେ ପର୍ଯ୍ୟାପ୍ତ ପରିମାଣର ପାଣି ମହଜୁଦ୍ ରଖିବା ଅନିବାର୍ଯ୍ୟ। ୩ଟି ତୈଳ କମ୍ପାନୀ ୨ ବର୍ଷ ପୂର୍ବରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ପାଣି ନେଇ ମହଜୁଦ୍ ରଖୁଥିଲେ। ୨୦୧୭ ମାର୍ଚ୍ଚରୁ ପାରାଦୀପ ବନ୍ଦରକୁ ଦିଆଯାଉଥିବା ପାଣି ଉପରେ ମହାନଦୀ ସାଉଥ ଡିଭିଜନ ଓ ୱାଟର ରିସୋର୍ସ ବିଭାଗ ଅଙ୍କୁଶ ଲଗାଇଛି। ଏହା ପ୍ରଭାବରେ ପାରାଦୀପ ବନ୍ଦର ବାଉରିଆ ପାଳନ୍ଦାଠାରେ ଥିବା ୩ଟି ତୈଳ ଟର୍ମିନାଲକୁ ପାଣି ଯୋଗାଣ ବନ୍ଦ କରିଦେଇଛି। ସେହି ୩ ଟର୍ମିନାଲ ହେଲା ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ବିପିସିଏଲ୍), ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍(ଆଇଓସିଏଲ୍)। ୩ ଟର୍ମିନାଲରେ ସବୁ ସମୟରେ ପ୍ରାୟ ୧୦୦ଟି ଟାଙ୍କିରେ ଲକ୍ଷାଧିକ ଲିଟର ତେଲ ମହଜୁଦ୍ ରହୁଛି। ଟର୍ମିନାଲ ପାଖକୁ ଲାଗି ଏଲପିଜି ଟର୍ମିନାଲ ମଧ୍ୟ ଅଛି। ସେହିସବୁ ଟର୍ମିନାଲରୁ ଦୈନିକ ୧୮ଶହରୁ ୨୦୦୦ ପାଖାପାଖି ଟ୍ୟାଙ୍କଲର ଗାଡ଼ି ତେଲ ବୋଝେଇ କରି ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ତୈଳ ଓ ଗ୍ୟାସର ବ୍ୟବସାୟିକ ପେଣ୍ଠ ହୋଇଥିବାରୁ ସେଠାରେ ଆଗ୍ନିକ ଭୟ ସବୁବେଳେ ରହିଥାଏ। ପାରାଦୀପ ବନ୍ଦର ପାଣି ବନ୍ଦ କରିବା ପରେ ଏହି ୩ ଟର୍ମିନାଲ କର୍ତ୍ତୃପକ୍ଷ ପାଣି ପାଇଁ ଗତ ବର୍ଷେ ହେଲା ଜଗତ୍‌ସିଂହପୁର ଜିଲାପାଳଙ୍କୁ ଲେଖୁଛନ୍ତି। ଅପରପକ୍ଷେ କାରଖାନା ଓ ବାଷ୍ପିତ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ବେଳେ ପାଣି ମହଜୁଦ୍ ରଖିବା ପାଇଁ ତାଗିଦ୍ କରାଯାଉଛି। ଗତ ୨ ବର୍ଷ ଭିତରେ ଖୋଦ୍ ଜିଲାପାଳ ମଧ୍ୟ ଏକାଧିକ ଥର ପାଣି ସମ୍ପର୍କରେ ତଦନ୍ତ କରିସାରିଲେଣି। ଏହା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରିନାହିଁ। ଏବେ ପାଣି ଅଭାବ ମେଣ୍ଟାଇବା ପାଇଁ ତୈଳ ଟର୍ମିନାଲ କର୍ତ୍ତୃପକ୍ଷ ତୈଳ ବିଶୋଧନାଗାରରୁ ଟ୍ୟାଙ୍କର ଯୋଗେ ପାଣି ନେଉଛନ୍ତି। ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ପାଇଁ ବିଶୋଧନାଗାରରୁ ପାଇପ ଲାଇନ ଯୋଗେ ପାଣି ଆଣିବା ଲାଗି ବିକଳ୍ପ ଚିନ୍ତା କରାଯାଉଥିବା ପ୍ରଶାସନିକ ସୂତ୍ରରୁ ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ମହାନଦୀରୁ ପାରାଦୀପ ପର୍ଯ୍ୟନ୍ତ ୨ ପ୍ରକାର ଜଳଉତ୍ସ ରହିଛି। ପ୍ରଥମ ହେଲା ତାଳଦଣ୍ଡା କେନାଲ। ସେହି କେନାଲରେ ଆସୁଥିବା ପାଣିକୁ ଜଗତ୍‌ସିଂହପୁର ଜିଲାର ଚାଷୀଙ୍କ ସମେତ ପାରାଦୀପର ୧୪ ଶିଳ୍ପ ସଂସ୍ଥା ନେଉଛନ୍ତି। କେବଳ ବିଶୋଧନାଗାର କର୍ତ୍ତୃପକ୍ଷ ଅଲଗା ଭାବେ କଟକ କାଠଯୋଡ଼ି ପାଇପ ଲାଇନ ଯୋଗେ ପାଣି ନେଉଛନ୍ତି। ପାରାଦୀପ ବନ୍ଦର ୧୯୯୦ ମସିହା ସୁଦ୍ଧା କରିଥିବା ଜଳଚୁକ୍ତି ଅନୁସାରେ ଦୈନିକ ୩ ମିଲିୟନ୍ ଗ୍ୟାଲେନ୍ ପାଣି ନେବା କଥା। ଉକ୍ତ ପାଣିରୁ ରାଜ୍ୟ ମହାନଦୀ ଡିଭିଜନ ପ୍ରତି ହଜାର ଲିଟରକୁ ୨୦ ପଇସା ରାଜସ୍ୱ ପାଇଥାନ୍ତି। ଉକ୍ତ ପାଣିକୁ କେବଳ ପାରାଦୀପ ବନ୍ଦର ବ୍ୟବହାର କରିବ। କିନ୍ତୁ ବିକିପାରିବ ନାହିଁ। ପାରାଦୀପ ବନ୍ଦର ଦୈନିକ ୩ ଏମଜିଡି ବଦଳରେ ୬ ଏମଜିଡି ପାଣି ବ୍ୟବହାର କରିବା ଏବଂ ସେହି ପାଣିକୁ ଅଧିକ ମୂଲ୍ୟରେ ବିକ୍ରି କରିବା ଘଟଣା ୨୦୧୭ରେ ଜଣାପଡିଥିଲା। ତତ୍କାଳୀନ ଜଳସମ୍ପଦ ସଚିବ ବିଶାଳ ଗଗନ ଏଥିପାଇଁ ସାନି ସର୍ଭେ କରିବା, ମିଟର ଲଗାଇବା, ନୂଆ ଚୁକ୍ତି କରିବା ଆଦି ବାବଦରେ କଟକଣା ଲଗାଇଥିଲେ। ଉକ୍ତ କଟକଣା ପରଠାରୁ ଗତ ୨ ବର୍ଷ ହେଲା ଖରା ୩ ମାସରେ ପାରାଦୀପରେ ଉତ୍କଳ ଜଳ ସଙ୍କଟ ଦେଖାଦେଉଛି। ସେହି ଆଧାରରେ ପାରାଦୀପ ବନ୍ଦର ୩ଟି ତୈଳ ଟର୍ମିନାଲକୁ ଯୋଗାଉଥିବା ପାଣି ଉପରେ ଅଙ୍କୁଶ ଲଗାଇଛି। ଉକ୍ତ ଘଟଣା ଯୋଗୁ ଏବେ ଆଗ୍ନିକ ବିପଦ ଥିବା ଟର୍ମିନାଲ ପାଇଁ ଜଳାଭାବ ଚିନ୍ତାର କାରଣ ସାଜିଛି।

# ଆଜି ପଦ୍ମ ଧରିପାରନ୍ତି ବୈଜୟନ୍ତ

ଭୁବନେଶ୍ୱର, ୩।୩(ବ୍ୟୁରୋ)

କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ନୂଆଦିଲ୍ଲୀରେ ଭାଜପାରେ ସାମିଲ ହୋଇପାରନ୍ତି। ଭାଜପାର ଜାତୀୟ କାର୍ଯ୍ୟାଳୟରେ ବୈଜୟନ୍ତ ଭାଜପାରେ ସାମିଲ ହୋଇପାରନ୍ତି। ରାଷ୍ଟ୍ରୀୟ ସଭାପତି ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ପଦ୍ମ ଧରିବେ ବୋଲି ଚର୍ଚ୍ଚା ହେଉଛି। ତାଙ୍କ ମିଶ୍ରଣ ପର୍ବ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ କି ନାହିଁ , ସେ ନେଇ କୌଣସି ସୂଚନା ମିଳିପାରିନାହିଁ। ବୈଜୟନ୍ତ ପ୍ରଥମେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଏମ୍‌ପି ପଦରୁ ଇସ୍ତଫା ମଧ୍ୟ ଦେଇଥିଲେ। ଏହା ପରେ ଲଗାତର ଭାବେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ସେ ଭାଜପାରେ ଯୋଗଦେବା ନେଇ ପ୍ରଥମେ ଚର୍ଚ୍ଚା ହୋଇଥିଲା, ମାତ୍ର ସେପରି କୌଣସି ଘଟଣା ଘଟି ନ ଥିଲା। ସାଧାରଣ ନିର୍ବାଚନ ପାଖକୁ ଥିବାରୁ ବୈଜୟନ୍ତ ନିଜର ରାଜନୈତିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଭାଜପାରେ ଯୋଗଦାନ କରୁଥିବା ଚର୍ଚ୍ଚା ହେଉଛି। ହେଲେ ନିର୍ବାଚନ ରାଜନୀତିରେ ସେ କେତେ ସଫଳ ହେବେ, ତାହା ସମୟ କହିବ ବୋଲି ସମୀକ୍ଷକମାନେ ମତ ରଖିଛନ୍ତି।

### ପର୍ଯ୍ୟଟକଙ୍କ ପାଇଁ ଶାରଳା ପୀଠରେ ନୂଆ ପଦକ୍ଷେପ

# ପଟ୍ଟନାୟିକା ପୋଖରୀରେ ନୌକା ବିହାର

ତିର୍ତ୍ତୋଲ,୩।୩(ଡି.ଏନ.ଏ.)



ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରସିଦ୍ଧ ଝଙ୍କଡ଼ ଶାରଳା ପୀଠ ବସନ୍ତ ବଗିଚା ସମ୍ମୁଖ ପଟ୍ଟନାୟିକା ପୋଖରୀରେ କନକପୁର ପଞ୍ଚାୟତ ପ୍ରଶାସନ ତରଫରୁ ନୌକା ବିହାର(ବୋଟିଂ) ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଆସନ୍ତା ୫ ତାରିଖ ପଞ୍ଚାୟତରାଜ ଦିବସରେ ଏହାର ଉଦ୍‌ଘାଟନ କରାଯିବ। ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ଏହାର ଶୁଭଉଦ୍‌ଘାଟନ କରିବେ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡା, ତିର୍ତ୍ତୋଲ ଏସଡିପିଓ ଦୀପକ ରଞ୍ଜନ ଜେନା ଓ ତିର୍ତ୍ତୋଲ ଆଇଆଇସି କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେବେ ବୋଲି ସରପଞ୍ଚ ନମିତା ରାଉଳ, ସାମାଜିକ କର୍ମୀ ନୃସିଂହ ଚରଣ ରାଉଳ ଓ ସାରଳା ସଂସ୍କୃତି ପ୍ରଚାରକ ରମାକାନ୍ତ ରାଉଳ ସୂଚନା ପ୍ରଦାନ କରିଛନ୍ତି। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ଶାରଳା ମନ୍ଦିର ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ନୌ ବିହାର ସୁବିଧା ପାଇ ପାରିବେ ଓ ପର୍ଯ୍ୟଟନର ବିକାଶ ଘଟିବ ବୋଲି ମତପ୍ରକାଶ ପାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୩୩/୧୧ କେଭି ସବ୍‌ଷ୍ଟେଶନ ଉଦ୍‌ଘାଟିତ

**କଳିଙ୍ଗନଗର,୩।୩(ଡି.ଏନ.ଏ.):** ଦାନଗଦୀ ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତରେ ରବିବାର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ନୂତନ ୩୩/୧୧ କେଭି ସବଷ୍ଟେଶନ ଉଦ୍‌ଘାଟନ କରିଛନ୍ତି। ଏହି ସବଷ୍ଟେଶନ କାର୍ଯ୍ୟକାରୀ ହେଲେ ଖପୁରିଆପଦା, ଚକୁଆ, ବ୍ରାହ୍ମଣୀ ଗାଁ, ବାଲିପସି, କୁମ୍ଭାରଗଡିଆ, ମାରୁଟିକର, ଚତ୍ରକଣ, ହତାଗଡିଆ ଆଦି ଗ୍ରାମର ଲୋକେ ଉପକୃତ ହୋଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ଖପୁରିଆପଦା ସରପଞ୍ଚ ଜାନକି ଜେନା, ସମିତି ସଭ୍ୟ ନିମାଇ ସାମଲ, ୧୦ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ସାମଲଙ୍କ ସହ ବଦ୍ୟୁତ୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୁକିନ୍ଦା ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଉନ୍ନୟନମୂଳକ କାର୍ଯ୍ୟକୁ ସେଠାରେ ଉପସ୍ଥିତ ସାଧାରଣ ଲୋକେ ପ୍ରସଂଶା କରିଥିଲେ।

### ବିଜୟ ସଙ୍କଳ୍ପ ଯାତ୍ରା

**କୋରେଇ,୩।୩(ସ୍ୱ.ପ୍ର.) :** ସାରା ଦେଶରେ ଭାଜପାର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କ ଆହ୍ୱାନରେ ବିଜୟ ସଙ୍କଳ୍ପ ଯାତ୍ରା କରାଯାଇଥିଲା। ଏହି ଅବସରରେ କୋରେଇ ଭାଜପା ନେତା ବିଶ୍ୱଜିତ୍ ନାୟକଙ୍କ ନେତୃତ୍ୱରେ ବିଜୟ ସଙ୍କଳ୍ପ ଯାତ୍ରା ଆୟୋଜନ କରାଯାଇଥିଲା। ଏହି ବାଇକ ଶୋଭାଯାତ୍ରା ଜହ୍ନାସ୍ଥିତ ଭାଜପା କାର୍ଯ୍ୟାଳୟରୁ ବାହରି କୋରେଇ ନିର୍ବାଚନ ମଣ୍ଡଳୀରେ ଥିବା ୩ନଂ ଜିଲା ପରିଷଦ ଜୋନରେ ଥିବା ଜହ୍ନା, ଖମଣ, ତଣ୍ଡରା, ବଡବିରୁହାଁ, ଗୋଲେଇପୁର, ପାଣିକୋଇଲି, କରଦା, ମୁଳାପାଳ ପଞ୍ଚାୟତ ପରିକ୍ରମା କରିଥିଲା। କୋରେଇର ବହୁ ଯୁବକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ପ୍ରକାଶ ଧଳ, ମଣ୍ଡଳ ସଭାପତି ରବୀନ୍ଦ୍ର ବେହେରା, ପ୍ରମୋଦ ସାହୁ, ଯୁବମୋର୍ଚ୍ଚା ସଂଯୋଜକ ବିକ୍ରମ ବିଶ୍ୱାଳ, ପ୍ରମୋଦ ନାୟକ, ଲଲାଟେନ୍ଦୁ ନାୟକ, ଦୀପ୍ତିମୟୀ କୁଅଁର, ରାକେଶ ଜେନା, ନରେଶ ପରିଡା, ତାପସ ମହାନ୍ତି, ବିଷ୍ଣୁ ରଥ, ବିଜୟ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ।

### 'ମୋ ବୁଥ୍ ସବୁଠୁ ମଜଭୁତ୍' କାର୍ଯ୍ୟକ୍ରମ

**ଯାଜପୁରରୋଡ,୩।୩(ନି.ପ୍ର.):** ବ୍ୟାସନଗରସ୍ଥିତ ମୁଣ୍ଡମାଳ କାର୍ଯ୍ୟାଳୟରେ ଶୁକ୍ରବାର କୋରେଇ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଦ୍ୱାରା 'ମୋ ବୁଥ ସବୁଠୁ ମଜଭୁତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ମୀ ମୋ ବୁଥକୁ ସୁଦୃଢ କରିବା ସହ ଭୋଟରଙ୍କୁ ଭାଜପାରେ ସାମିଲ କରିବାକୁ ପୂର୍ବତନ ବିଧାୟିକା ମହାନ୍ତି ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କର ଯୋଜନାଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଏହାଦ୍ୱାରା ଲୋକେ କିପରି ଉପକୃତ ହେବେ, ତାହା କର୍ମୀଙ୍କ ମୁଖ୍ୟ ଦାୟିତ୍ୱ ବୋଲି କହିଥିଲେ। ଅଶୋକ ସାହୁ, ଅକ୍ଷୟ ମିଶ୍ର, ଅଶୋକ ସେଠୀ, ଗଣେଶ ସ୍ୱାଇଁ, ସୁଶାନ୍ତ ବାରିକ, ପବିତ୍ର ଘଡେଇ, ଅରୁଣ ଦାସ, ବାଇଧର ମାଝି, ପ୍ରଫୁଲ୍ଲ ଆଚାର୍ଯ୍ୟ, ବେଣୁଧର ବାରିକ, ସୁବାସ ରାଉତ, ମୁରଲିଧର ରାଉତ, ରବିନାରାୟଣ ରାଉତ, ପ୍ରଶାନ୍ତ କୁମାର ମଲ୍ଲିକ, ଅଭିମନ୍ୟୁ ଖଣ୍ଡାଇ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସହଭାଗିତା, ଗ୍ରାମ୍ୟ ସଂଯୋଗ କାର୍ଯ୍ୟକ୍ରମ

**ବିରଜାକ୍ଷେତ୍ର,୩।୩(ଡି.ଏନ୍.ଏ.):** ଯାଜପୁର ଥାନା ଅନ୍ତର୍ଗତ ଅକରପଡ଼ା ଗ୍ରାମପଞ୍ଚାୟତର ଶ୍ରୀଧରପୁର ଛକଠାରେ ଶନିବାର ଓଡ଼ିଆ ଭାଷା ସାହତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସହଭାଗିତା ଓ ଗ୍ରାମ୍ୟ ସଂଯୋଗ (ଭିସିଡି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ମହେଶ୍ୱର ପରିଡ଼ାଙ୍କ ସଂଯୋଜନାରେ ଶତାଧିକ ଯୁବକ, ବରିଷ୍ଠ ନାଗରିକ, କଳାପ୍ରେମୀ, ମହିଳା ଯୋଗଦେଇ କଳାତ୍ମକ ଶୈଳୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳାକାର ଯୋଜନା, କାଳିଆ ଯୋଜନା, ମହିଳା ଓ ଶିଶୁ ଯୋଜନା, ସ୍ୱାସ୍ଥ୍ୟ ଯୋଜନାର ଉପକାରିତା ବିଷୟରେ ଅବଗତ ହୋଇଥିଲେ। ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ସଡ଼କ ପଥରେ ସ୍ଲୋଗାନ ଓ କ୍ୟାସେଟ ସଙ୍ଗୀତ ମାଧମରେ ଜନସାଧାରଣଙ୍କୁ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଯିବା ପରେ ସଭାସ୍ଥଳରେ ସଭା ଓ ସଚେତନତା ଉପରେ ଆଲୋକପାତ କରାଯାଇଥିଲା।

# ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି ବାଲୁଙ୍କେଶ୍ୱର

**ବାଞ୍ଛାନିଧି ସାହୁ**
**ବରୀ,୩।୩(ସ୍ୱ.ପ୍ର.)**



■ବାଲି ହୁଙ୍କାରୁ ବାଲୁଙ୍କେଶ୍ୱରଙ୍କ ଉତ୍ପତ୍ତି
■୨୮ ଡିସିମିଲି ଜାଗାରେ ରହିଛି ମହାଦେବଙ୍କ ବେଢ଼ା

ବରୀ ବ୍ଲକ ଅଧୀନ ବାଲିବିଲି ଗ୍ରାମରେ ବାଲୁଙ୍କେଶ୍ୱର ମହାଦେବ ରହିଛନ୍ତି। ଏହି ମହାଦେବଙ୍କୁ ଭକ୍ତି, ବିଶ୍ୱାସ ଓ ବିନମ୍ରତାର ସହ ପୂଜାର୍ଚ୍ଚନା କରି ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କଲେ ପ୍ରତ୍ୟକ୍ଷ ଦର୍ଶନ ମିଳିଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ଏହି ବିଶ୍ୱାସ ବଳରେ ଲୋକେ ବହୁ ଦୂରାରୋଗ୍ୟରୁ ମୁକ୍ତି ପାଇଛନ୍ତି। ସର୍ପ ଦଂଶନରୁ ଏବେବି ନୂତନ ଜୀବନ ମିଳିପାରିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ପଣ୍ଡିତ ତଥା ଅବସରପ୍ରାପ୍ତ ଅଧକ୍ଷ ଗୋକୁଳାନନ୍ଦ ପତି କହିଛନ୍ତି।

ଲୋକକଥାରୁ ଆଦୃତ ଯେ, କେଉଁ ଆବହମାନ କାଳରୁ ଏଠାରେ ଏକ ବାଲିହୁଙ୍କା ଥିଲା। ଏହି ବାଲି ହୁଙ୍କା ଉପରେ ସ୍ଥାନୀୟ ଗାଁର ଏକ ଗୋପାଳ ଘରର ଗାଈ ଆସି ଠିଆହୁଏ। ଗାଈର କ୍ଷୀର ଏହି ବାଲି ହୁଙ୍କାରେ ଝରିଯାଇଥାଏ। ଗୋପାଳ ଜଣକ ଗାଈ କାହିଁକି କ୍ଷୀର ଦେଉନାହିଁ ଭାବି ଜଗିଥିଲା। ଗାଈ ଆସି ପୂର୍ବଭଳି ବାଲି ହୁଙ୍କା ପାଖରେ ଠିଆ ହୋଇଥିଲା। ସେଠାରେ ତାର କ୍ଷୀର ସବୁ ଆପେଆପେ ଝରି ପଡୁଥିବାର ଦେଖିଲା। ଏହା ପ୍ରଘଟ ହୋଇଯିବାରୁ ବାଲି ହୁଙ୍କାକୁ ଗ୍ରାମବାସୀଙ୍କ ପକ୍ଷରୁ ଖନନ କରାଯାଇଥିଲା। ୬/୭ଫୁଟ ଖୋଳିଲା ପରେ ବିରାଟକାୟ ଲିଙ୍ଗ ଦେଖିବାକୁ ମିଳିଲା। ସେହିଦିନଠାରୁ ବାଲିବିଲି, ଅଲିପୁର, ଭବାନିପୁର ଗ୍ରାମର ଲୋକେ ବାଲୁଙ୍କେଶ୍ୱର ମହାଦେବଙ୍କ ନାମରେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଥମେ ଏକ ଚାଳିଆ ଘର କରାଯାଇଥିଲାବେଳେ ୨୦୦୦ରୁ ସ୍ଥାୟୀ ମନ୍ଦିର ନିର୍ମାଣ କରାଯାଇ ୨୦୦୯ରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଥିଲା। ସେହିଦିନଠାରୁ ରିତି ନୀତି ଅନୁଯାୟୀ ମହାଦେବଙ୍କର ବାର୍ଷିକୋତ୍ସବ କରାଯାଉଛି। ସନ୍ତାନ, ବ୍ୟାଧି, ଗ୍ରହ ରିଷ୍ଟ ପାଇଁ ଏଠାରେ ମାନସିକ କରି ପୂଜାର୍ଚ୍ଚନା କରାଯାଇଥାଏ। ଗ୍ରାମର ରୁଞ୍ଜି ଚରଣ ବେହେରା (୬୦)ଙ୍କୁ ଏକ ବିଷଧର ସାପ କାମୁଡିଥିଲାବେଳେ ଏଠାରେ ଅଧିଆ ପଡ଼ି ମୃତ୍ୟୁମୁଖରୁ ବଞ୍ଚିଥିଲେ। ଉକ୍ତ ଦିନରୁ ରୁଞ୍ଜି ସବୁବେଳେ ବାଲୁଙ୍କେଶ୍ୱରଙ୍କ ବେଢାରେ ବସିରହିଥାନ୍ତି। ଭକ୍ତ ମନସ୍କାମନା ପୂରଣ ପାଇଁ ବାଲୁଙ୍କେଶ୍ୱରଙ୍କ ନିକଟରେ ରୁଦ୍ରାଭିଷେକ କରିବା ସହ ଗୁଆ ବସାଇଥାନ୍ତି ବୋଲି ପୂଜକମାନେ କହିଛନ୍ତି। ଶ୍ରୀଧର ମିଶ୍ର, ଶ୍ରୀପତି ମିଶ୍ର, ଶ୍ରୀକର ମିଶ୍ର ପ୍ରମୁଖ ସ୍ଥାୟୀ ପୂଜକଭାବେ ନିଯୁକ୍ତି ପାଇଛନ୍ତି। ୨୮ ଡିସିମିଲି ଜାଗାରେ ମହାଦେବଙ୍କ ବେଢା ରହିଛି। ଏ ନେଇ ଏକ ମନ୍ଦିର କମିଟି ଗଠନ କରାଯାଇଛି। ଗୋକୁଳାନନ୍ଦ ପତି ସଭାପତି ରହିଥିଲାବେଳେ ବନୋଜ କୁମାର ସାମଲ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ଗତ ୨୮ ତାରିଖରୁ ଏହି ପୀଠରେ ନବମ ବାର୍ଷିକୋତ୍ସବ ପାଳନ କରାଯାଉଛି। କଳସଯାତ୍ରା, ଅଙ୍କୁରାରୋପଣ, ଯଜ୍ଞ, ମହାପ୍ରସାଦ ସେବନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସମାଜର ମଙ୍ଗଳ ପାଇଁ ଏହି ଯଜ୍ଞ କୁଣ୍ଡରେ ୬୦ କେ.ଜିରୁ ଉର୍ଦ୍ଧ୍ୱ ଘୃତାହୁତି ଦିଆଯାଇଛି। ୩ ଦିନ ଧରି ଚାଲିଥିବା ଯଜ୍ଞରେ ପଣ୍ଡିତ ରାମଚନ୍ଦ୍ର ପଣ୍ଡା, ଉପେନ୍ଦ୍ର କଣ୍ଠ, ପ୍ରବୀର ମିଶ୍ର, ଗୋକୁଳାନନ୍ଦ ପତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ବୋଲି କୁହାଯାଇଛି। ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହି ନୈବେଦ୍ୟର ମହାର୍ଘ୍ୟ ଅର୍ପଣ କରିବା ସହ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଖରେ ଶୁଭ କାମନା କରିଛନ୍ତି। ସୋମବାର ମହାଶିବରାତ୍ରି ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିବ। ଏ ନେଇ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବାଲୁଙ୍କେଶ୍ୱର ଯୁବକ ସଂଘ ଶାନ୍ତିଶୃଙ୍ଖଳା ରକ୍ଷା କରିବ ବୋଲି ସଂଘ ପକ୍ଷରୁ ପ୍ରଦୀପ ମହାରଣା କହିଛନ୍ତି।

## ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

**କଳିଙ୍ଗନଗର,୩।୩(ଡି.ଏନ.ଏ)**

ଟମକା ଥାନା କାଳିଆପାଣି ଅଞ୍ଚଳର ଜନୈକ ଯୁବକ ତାଙ୍କର ଜଣେ ସମ୍ପର୍କୀୟ ମହିଳାଙ୍କୁ ଘରେ ଛାଡି ଦେବାକୁ କହି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୬/୧୯)ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି କାଳିଆପାଣି ଚିରିଗୁଣିଆ ଅଞ୍ଚଳର ବାଲେନ୍ଦ୍ର ହେମ୍ବ୍ରମ (୩୫)। ପ୍ରକାଶ ଯେ, ବାଲେନ୍ଦ୍ର ପଞ୍ଚାୟତ କାର୍ଯ୍ୟାଳୟରୁ ଫେରିବା ସମୟରେ ତାଙ୍କର ଜଣେ ସମ୍ପର୍କୀୟା ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ। ଏହାପରେ ମହିଳା ଜଣକ ତାଙ୍କ ସହ ବାଇକ୍‌ରେ ଆସିଥିଲେ। ବାଟରେ ଆସିବା ବେଳେ ରାଇଘାଟି ନିକଟରେ ଥିବା ଜଙ୍ଗଲରେ ବାଲେନ୍ଦ୍ର ତାଙ୍କୁ ବଳାତ୍କାର କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ବାଲେନ୍ଦ୍ରଙ୍କୁ ଶନିବାର ଥାନାରେ ଅଟକ ରଖିବା ସହିତ ପୀଡିତାଙ୍କ ଡାକ୍ତରୀମାଇନା ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା।

# ବିଜୁ ସେତୁର ଶିଳାନ୍ୟାସ ଉତ୍ସବ



ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିବା ବିଧାୟକ ଓ ଅନ୍ୟମାନେ।

**କୋରେଇ,୩।୩(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ବନ୍ଦାଳୋ ପଞ୍ଚାୟତର ବନ୍ଦାଳୋଠାରେ ବୈତରଣୀ ନଦୀ ଉପରେ ରବିବାର ବିଜୁ ସେତୁର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଶିଳାନ୍ୟାସ କରିଥିଲେ। ୩୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ ୨ ବର୍ଷ ମଧ୍ୟରେ ଶେଷ ହେବ। ଏହି ବ୍ରିଜ ନିର୍ମାଣ ହେବା ଦ୍ୱାରା ଭଦ୍ରକ ଓ ଯାଜପୁର ଜିଲା ମଧ୍ୟରେ ଗମନାଗମନ, ସାମାଜିକ, ଅର୍ଥନୈତିକ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶେଷକରି ବନ୍ୟା ସମୟରେ ବନ୍ଦାଳୋ ପଞ୍ଚାୟତକୁ ରିଲିଫ ପହଞ୍ଚାଇବା ଓ ଗମନଗମନ କ୍ଷେତ୍ରରେ ଅସୁବିଧା ହେବ ନାହିଁ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଅଧକ୍ଷତା କରିଥିଲେ। ସରପଞ୍ଚ ସୁରେଖା ସେଠୀ, ସୁଶାନ୍ତ କୁମାର ସାହୁ, ଧରଣୀଧର ଘଡେଇ, ସୁବାସ ଧଳ, ଧନେଶ୍ୱର ବାରିକ, ସରପଞ୍ଚ ରୁନୁ ଭୂୟାଁ, ସୌଭାଗ୍ୟ ମହାନ୍ତି, କୁଳମଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟା ମାତାଜୀ ଆଏଚ ଧନ୍ୟବାଦ ଦେଇଥିଲେ।

## ୫ରେ ଭାରତ ବନ୍ଦ ଡାକରା

**ଚଣ୍ଡିଖୋଲ,୩।୩(ଡି.ଏନ.ଏ.)**

ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ଆସନ୍ତା ୫ ତାରିଖରେ ଭାରତ ବନ୍ଦ କରିବ। ଏ ନେଇ ସମିତି ଯାଜପୁର ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଚଣ୍ଡିଖୋଲଠାରେ ରବିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କୁହାଯାଇଛି, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ ବିହିନ କରିବା, ଜାତି ଆଧାରିତ ଜନଗଣନା କରି ଶତପ୍ରତିଶତ ଆରକ୍ଷଣ ଲାଗୁ ନ କରିବା, ସର୍ବାଧିକ ପଛୁଆ ବର୍ଗ ଜାତି ଏବଂ ଯାଜାବର ଜନଜାତିଙ୍କର କେନ୍ଦ୍ରୀୟସ୍ତରରେ ବର୍ଗୀକରଣ ନ କରି ତାଙ୍କୁ ଶାସନ ଓ ପ୍ରଶାସନରେ ପ୍ରତିନିଧିତ୍ୱ ବିହୀନ କରିବା, ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ଆରକ୍ଷଣରେ ବର୍ଗୀକରଣ ଲାଗୁ ନ କରିବା ଓ ଜଙ୍ଗଲ ଅଧିକାର ଅଧିନିୟମ ମାମଲାରେ ସୁପ୍ରିମକୋର୍ଟରେ ଭାରତ ସରକାରଙ୍କ ଦ୍ୱାରା ନିଜ ସରକାରୀ ଓକିଲ ନ ଦେବା ବିରୋଧରେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତିର ଜିଲା ସଂଯୋଜକ ପବନେଶ୍ୱର ଜେନା ସଭାପତିତ୍ୱ କରିଥିଲେ।

## ବ୍ୟାସନଗର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଡୁବୁରୀ,୩।୩(ଡି.ଏନ୍,ଏ.)**

ବ୍ୟାସନଗର ପବ୍ଲିକ ସ୍କୁଲ ଡୁବୁରୀର ୩ୟ ବାର୍ଷିକ ଉତ୍ସବ ଆରୋହଣ-୨ ଶନିବାର ଅନୁଷ୍ଠିତ ହୋଇଯାଇଛି । ଡୁବୁରୀ ଇନ୍ଦିରା ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ବ୍ୟତୀତ କ୍ରୀଡା, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଦକ୍ଷତା ହାସଲ କରିବା ଆବଶ୍ୟକ ବୋଲି କହିଥିଲେ। ବ୍ୟାସନଗର ପବ୍ଲିକ ସ୍କୁଲ, ଡୁବୁରୀର ଅଧକ୍ଷ ଲେଷ୍ଟର ଏଭରସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍କୁଲର ନିର୍ଦ୍ଦେଶିକା ଦେବସ୍ମିତା ସାହୁ, ଚୟାରମ୍ୟାନ ଭରତ ଭୂଷଣ ଦେଓ, ଭାଇସ ଚେୟାରମ୍ୟାନ ନାରାୟଣ ରାଉତ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ କୁନି କୁନି ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇଥିଲ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାହୁଲ କୁମାର ଦେଓ, ନିବେଦିତା ବେହେରା, ରାଧାକୃଷ୍ଣ ସାହୁ, ପ୍ରିତିରାଜ ଧିର, ରଶ୍ମୀ ପେଲାର, ସ୍ୱରଲିକା ଦେଓ, ଗାୟତ୍ରି ମହାନ୍ତ, ଆୟୁଷ ଦେଓ, ଅନୀତାପ୍ରିୟ ବାନରା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଚଳିତ ବର୍ଷର ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ଭାବେ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞା ରାଉତ ଅତିଥି ପରିଚୟପତ୍ର ପ୍ରଦାନ ଓ ଶିକ୍ଷୟିତ୍ରୀ ଫରିଦା ବେଗମ୍ ଓ ନର୍ଗିସ ପରଭେଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିନୋଦିନୀ ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

ବିଭିନ୍ନ ସମସ୍ୟା ନେଇ ଜମି ସୁରକ୍ଷା କମିଟିର ବୈଠକ

# ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

**ଯାଜପୁରରୋଡ,୩।୩(ନି.ପ୍ର.)**




ବୈଠକରେ ଉପସ୍ଥିତ ଜମି ସୁରକ୍ଷା କମିଟି କର୍ମକର୍ତ୍ତା।

ସ୍ଥାନୀୟ ଏକ ହୋଟେଲରେ ବ୍ୟାସନଗର ଜମି ସୁରକ୍ଷା କମିଟି ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ପୌର ପରିଷଦରେ ୫୦୦୦ରୁ ଉର୍ଦ୍ଧ୍ୱ ଲୋକ ସରକାରୀ ଜମିରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବସବାସ କରୁଛନ୍ତି। ଲିଜ୍ ଆକାରରେ ସେମାନଙ୍କ ନାମରେ ମଟ୍ଟା ମଧ ହୋଇଛି। ଏବେ ଉକ୍ତ ଜମିକୁ ଜଙ୍ଗଲ କିସମ ଦେଖାଇ ତହସିଲଦାର ସେମାନଙ୍କ ନାମରେ ୫୦୦୦ରୁ ଉର୍ଦ୍ଧ୍ୱ ମକଦମା ରେଭିନ୍ୟୁ ବୋର୍ଡରେ ଦାଖଲ କରିଛନ୍ତି। ଅଧିକାଂଶ ୧୯୬୦ରୁ ପଟ୍ଟା ପାଇଥିବାବେଳେ ଆଉ କେତେଜଣ ପଟ୍ଟା ପାଇ ନ ଥିଲେ ମଧ ସରକାରୀ ଜମିରେ ଘର କରି ରହିଛନ୍ତି। ମକଦ୍ଦମାଗୁଡିକ ପ୍ରତ୍ୟାହାର କରିବା ପାଇଁ ବ୍ୟାସନଗର ଜମି ସୁରକ୍ଷା ପକ୍ଷରୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଜମି ସୁରକ୍ଷା ୮ ଦଫା ଦାବି ଉପରେ ୬ ତାରିଖରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରିବା ସହ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜମି ସମସ୍ୟାର ସମାଧାନ ନ ହେଲେ ଲୋକେ ଭୋଟ ବର୍ଜନ କରିବେ ବୋଲି ସୁରକ୍ଷା ମଞ୍ଚ ସଭାପତି ଆଇନଜୀବୀ ସୁଧାଂଶୁ ଶେଖର ଦାସ ଓ ମଞ୍ଚ ସମ୍ପାଦକ ନାରାୟଣ ପ୍ରସାଦ ପତି ବିଭିନ୍ନ ଗଣମାଧମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଜୁଲାଇରେ ରାଜସ୍ୱ ମନ୍ତ୍ରୀଙ୍କ ଅଧକ୍ଷତାରେ ବ୍ୟାସନଗର ଜମି ସୁରକ୍ଷା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଯାଜପୁର ଜିଲାପାଳ, ଉପଜିଲାପାଳ, ବ୍ୟାସନଗର ତହସିଲଦାର ଓ ଜମି ସୁରକ୍ଷା କମିଟି ସଭ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହାର ସମାଧାନ ପାଇଁ ଏକ କମିଟି ଗଠନ କରି ଉକ୍ତ ମକଦ୍ଦମାଗୁଡିକର କାଗଜପତ୍ର ଯାଞ୍ଚ କରି ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଣ୍ଡମାଳ, ରମ୍ଭାସ ମୌଜାର ରିପୋର୍ଟ ପ୍ରସ୍ତୁତ ହୋଇଥିବାବେଳେ ଚୋରଦା, ଉମାପଦାର ରେକର୍ଡ ଯାଞ୍ଚ କରାଯାଇନାହିଁ। ଦାବି ପୂରଣ ନ ହେଲେ ସୁରକ୍ଷା କମିଟି ଦୁର୍ବାର ଆନ୍ଦୋଳନ କରିବ ବୋଲି ସମ୍ପାଦକ ପତି କହିଛନ୍ତି। ପୂର୍ବତନ ଏସ୍‌ପି ଅଶୋକ କୁମାର ବିଶ୍ୱାଳ, ସୁବାସ ମିଶ୍ର ପ୍ରମୁଖ ଆନ୍ଦୋଳନ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ।

# ବିଦ୍ୟାଳୟରୁ ପିଅନଙ୍କ ମୃତଦେହ ଉଦ୍ଧାର

**ଦଶରଥପୁର,୩।୩(ଡି.ଏନ.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ବେକରେ ରଶିଲାଗି ଚେୟାର ଉପରେ ବସିଥିବା ଅବସ୍ଥାରେ ଜଣେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ (ପିଅନ)ଙ୍କ ମୃତଦେହ ରବିବାର ପୂର୍ବାହ୍ନରେ ମଙ୍ଗଳପୁର ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ସେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ ଶୁଶୁଆ ଗ୍ରାମର ସୁବାସ ସାହୁ (୫୪)। ହେଲେ ସୁବାସଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ତାଙ୍କ ସ୍ତ୍ରୀ ଉର୍ମିଳା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ରବିବାର ନାଚ, ଗୀତ ଶିଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ପିଲା ବିଦ୍ୟାଳୟକୁ ଆସିଥାନ୍ତି। ତେବେ ପିଲାମାନେ ଯେଉଁ କୋଠରିରେ ନାଚ, ଗୀତ ଶିଖନ୍ତି, ଉକ୍ତ କୋଠରିର କବାଟ ଆଉଜା ହୋଇଥିବା ଦେଖିଥିଲେ। କବାଟ ଖୋଲିବା ବେଳକୁ ସୁବାସଙ୍କ ମୃତଦେହ ଦେଖିବାକୁ ପାଇଲେ। ପରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ମହାପାତ୍ର ଖବରପାଇ ବିଦ୍ୟାଳୟକୁ ଆସିଥିଲେ। ଘଟଣା ସମ୍ପର୍କରେ ଅବଗତ ହୋଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (୫/୧୯) ରୁଜୁ କରାଯିବା ସହ କେନ୍ଦ୍ରାପଡା ସାଇଣ୍ଟିଫିକ୍ ଟିମ୍ ଡାକି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚଳାଇଥିଲେ। କୁକୁର ଘଟଣାସ୍ଥଳରୁ ଆଘ୍ରାଣ ନେବାପରେ ସେଠାରୁ ପ୍ରାୟ ୫ ଶହ ମିଟର ମଙ୍ଗଳପୁହ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ଫେରିଆସିବା ସ୍ଥାନୀୟ ଲୋକଙ୍କ ମନରେ ଦ୍ୱିଧା ସୃଷ୍ଟି କରିଛି। ଏ ସମ୍ପର୍କରେ ମଙ୍ଗଳପୁର ଥାନା ଆଇଆଇସି ଅସିତ୍ ମହାନ୍ତିଙ୍କୁ ପଚାରିବାରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏତଲା ଉପରେ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ମାତ୍ର ତାଙ୍କ ସ୍ତ୍ରୀ ଏହା ଏକ ହତ୍ୟାକାଣ୍ଡ ବୋଲି ଦାବି କରିଛନ୍ତି। ତେବେ ତଦନ୍ତ ଜାରି ରହିବା ବ୍ୟବଚ୍ଛେଦ୍ୟ ରିପୋର୍ଟ ଆସିବା ପରେ ସବୁ ଘଟଣା ପଦାକୁ ଆସିବ ବୋଲି ସେ କହିଛନ୍ତି।

## ରାଉତରାପୁର-ସାମନ୍ତରାପୁର ସେତୁ ଶିଳାନ୍ୟାସ ଉତ୍ସବ

**ରସୁଲପୁର,୩।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର-ସାମନ୍ତରାପୁର ସେତୁର ଶିଳାନ୍ୟାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଉତରାପୁର ପଞ୍ଚାୟତରେ ଅନୁଷ୍ଠିତ ଏହି ଉତ୍ସବରେ ବରୀ ବିଧାୟକ ଦେବାଶିଷ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସେତୁ ପାଇଁ ଶିଳାନ୍ୟାସ କରିଥିଲେ। ବ୍ରାହ୍ମଣୀ ନଦୀର ରାଉତରାପୁରରୁ ସାମନ୍ତରାପୁର ପଞ୍ଚାୟତକୁ ସଂଯୋଗ କରୁଥିବା ସ୍ଥାନରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଜନସାଧାରଣଙ୍କ ଦାବି ହୋଇଆସୁଥିଲା। ଉକ୍ତ ଦାବି ମୁତାବକ ପୋଲ ନିର୍ମାଣ ପାଇଁ ୨୨କୋଟି ଟଙ୍କା ମଞ୍ଜୁର ହୋଇଛି। ଆଗାମୀ ଦିନରେ ଲୋକଙ୍କ ଯାତାୟତକୁ ନେଇ ରହି ଆସୁଥିବା ଅସୁବିଧା ଦୂର ହୋଇପାରିବ ବୋଲି ବିଧାୟକ ମତ ରଖିଥିଲେ। ଏଥିସହ ବିଧାୟକ ଏକ ଶୋଭାଯାତ୍ରାରେ ଆସି ସାଧାରଣ ସଭାରେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ରେଣୁ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ବରୀ ବିଜେଡି ସଭାପତି ସେକ୍ ସଫି ଉଦ୍ଦିନ, ସରପଞ୍ଚ କେଦାର ସାମଲ, ପ୍ରଫୁଲ୍ଲ ସାହୁ, ଅଭିମନ୍ୟୁ ମହାଳିକ, ସମିତି ସଭ୍ୟା ଉମାରାଣୀ ନାୟକ, ବିଜେଡି ନେତା ପ୍ରଦୀପ ଦାସ, ଯୁବନେତା ପ୍ରଭାତ ପୃଷ୍ଟି, ପ୍ରାକ୍ତନ ସରପଞ୍ଚ ଅର୍ଜୁନ ନାୟକ, ରବିନ୍ଦ୍ର ସାହୁ, ନରହରି ସାହୁ, ମଦନ ମଳିକ, ବିଦ୍ୟାଧର କରଣ, ବାସୁଦେବ ସର, ବାବୁଲି ସେଠୀ, ପ୍ରକାଶ ମହାଳିକ, ଗୋକୁଳି ସେଠୀ, କାଶିନାଥ ପୃଷ୍ଟି, ଅନନ୍ତ ମହାଳିକ, ମାନସ ସାମଲ, ପ୍ରଭାକର କୁଣ୍ଡୁ, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ଦଶରଥ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।

■ ବିବାଦୀୟ ଜମିରେ ପୋଖରୀ ଖନନ

# ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ

**ରସୁଲପୁର,୩।୩(ଡିଏନଏ)**



ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ଗ୍ରାମରେ ଜଳ ବିଭାଜିକା ବିଭାଗ ପକ୍ଷରୁ ପୋଖରୀ ଖନନ କରାଯାଉଛି। ପୋଖରୀ ଖନନ କରାଯାଉଥିବା ଜମି ବିବାଦୀୟ ହୋଇଥିବା ବେଳେ ଉକ୍ତ ଜମିକୁ ନେଇ କୋର୍ଟରେ ମାମଲା ରହିଛି। ଜମି କିସମକୁ ନେଇ ବିବାଦ ଲାଗି ରହିଛି। ଏଯାବତ୍ କୋର୍ଟ ପକ୍ଷରୁ ମାମଲାକୁ ନେଇ କୌଣସି ରାୟ ଶୁଣାଯାଇ ନାହିଁ। ହେଲେ ଗ୍ରାମର କିଛି ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ହାତକରି ପୋଖରୀ ଖନନ କାର୍ଯ୍ୟ ଜାରି ରଖିଛନ୍ତି। ଏ ନେଇ ଜମି ମାଲିକ ଅଶୋକ ବାରିକ ଏ ନେଇ ଶନିବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ଜମିଜମା ସମ୍ପର୍କିତ କାଗଜପତ୍ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରୁ ସଂଗ୍ରହ ନ କରି ପୋଖରୀ ଖନନ କରିବା ଘଟଣା ବିଭାଗୀୟ ଅଧିକାରୀଙ୍କୁ ବିବାଦ ଭିତରକୁ ଟାଣି ଆଣିଛି। ଏହାଛଡା କୋର୍ଟରେ ମାମଲା ରହିଥିଲେ ବି ତାକୁ ଅଣଦେଖା କରି ପୋଖରୀ ଖୋଳିବା ଦ୍ୱାରା ବିଭାଗ ଆଇନକୁ ହାତକୁ ନେଇଛି ବୋଲି କୁହାଯାଉଛି। ପ୍ରକାଶ ଯେ, ଏହି ଗ୍ରାମ ନଡିଆଳି ମୌଜାର ଖାତା ନଂ-୧୪୦, ପ୍ଲଟ ନଂ-୦୭,୦୯,୧୯,୪୬୩-୬୪-୬୭ରେ ଅଶୋକ ବାରିକଙ୍କର ସତ୍ତ୍ୱ ରହିଛି। ଏ ନେଇ ଅଶୋକଙ୍କ ନିକଟରେ ପଟ୍ଟା ବି ରହିଛି। ଏ ନେଇ ସମସ୍ତ ପୁରଣା ଦାସ୍ତାବିଜ୍ ଅଭିଯୋଗକାରୀଙ୍କ ନିକଟରେ ରହିଛି। ଜମିର କିସମ ପରିବର୍ତ୍ତନ ହୋଇ ଅନାବାଦି ହୋଇଛି ବୋଲି ଜାଣିବା ପରେ ଅଶୋକଙ୍କ ପକ୍ଷରୁ ସିଭିଲ କେସ୍ ନଂ-୯୧୫/୧୪ରେ କୋର୍ଟରେ ମାମଲା ରହିଛି। ଉକ୍ତ ମାମଲାର ସମାଧାନ ହୋଇ ନ ଥିବା ବେଳେ ବିଭାଗ ପକ୍ଷରୁ ପୋଖରୀ ଖନନକୁ ନେଇ ପ୍ରଶ୍ନ କରାଯାଇଛି। କାର୍ଯ୍ୟରେ ବିଭିନ୍ନ ଅନିୟମିତତା ରହିଥିବା ଜମିରେ ପୋଖରୀ ଖନନକୁ ତୁରନ୍ତ ବନ୍ଦ କରାଯିବା ସହ ଏହା ପଛରେ ମନ୍ଦ ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରକଳ୍ପ ନୀରିକ୍ଷକ ଧ୍ରୁବ ପଣ୍ଡାଙ୍କ ମତାମତ ମିଳିପାରି ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ମାର୍ଚ୍ଚ, ୨୦୧୯



ନିଷ୍ଠାପର ଲୋକ ହିଁ ଅନ୍ୟର ନିଷ୍ଠାକୁ ଚିହ୍ନିପାରେ।
- କାର୍ଲାଇଲ



## ଟ୍ରେନ୍ ଧକ୍କାରେ ମହିଳା ମୃତ

**ବାଲୁଗାଁ,୩।୩(ଡି.ଏନ.ଏ.):** ରବିବାର ପୂର୍ବାହ୍ନରେ ବାଲୁଗାଁ ଷ୍ଟେଶନର ଉତ୍ତର କ୍ୟାବିନ୍ ନିକଟରେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସ୍ଥାନୀୟ ଗୋପବନ୍ଧୁ ନଗରର ନରେଶ ପାତ୍ରଙ୍କ ସ୍ତ୍ରୀ ବିଳାସିନୀ ପାତ୍ର । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସକାଳ ପ୍ରାୟ ୭ ଘଟିକା ସମୟରେ ବାଲୁଗାଁ ଷ୍ଟେଶନ୍‌ର ଉତ୍ତର କ୍ୟାବିନ୍‌ସ୍ଥିତ ୨ନଂ. ରେଳ ଧାରଣାରେ ଏକ ମାଲବାହୀ ଟ୍ରେନ୍ ଆସୁଥିଲା। ଏହି ସମୟରେ ବିଳାସିନୀ ହଠାତ୍ ଦୌଡ଼ିଯାଇ ରେଳଧାରଣାରେ ଶୋଇପଡ଼ିଥିଲେ। ସେଠାରେ ଉପସ୍ଥିତ କିଛି ଯୁବକ ତାଙ୍କୁ ଉଦ୍ଧାର ନିମନ୍ତେ ଉଦ୍ୟମ କରିଥିଲେ। କିନ୍ତୁ ଟ୍ରେନ୍ ଧକ୍କାରେ ତାଙ୍କ ବାମ ଗୋଡ଼ଟି କଟିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ନିଆଯାଇଥିଲା । ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ନିଆଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ରେଳବାଇ ପୋଲିସ୍ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପୁସ୍ତକ ଉନ୍ମୋଚନ ଉତ୍ସବ

**ଖୋର୍ଦ୍ଧା ଅଫିସ,୩।୩:** ଖୋର୍ଦ୍ଧା ଡିଏଭି ସ୍କୁଲ ପରିସରରେ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ କଥାକାର ପଦ୍ମଜ ପାଳ ଓ ମୁଖ୍ୟବକ୍ତା ରୂପେ ସାହିତ୍ୟିକ ବିଜୟ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିରୂପେ ନାଟ୍ୟକାର ନନ୍ଦକିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ରେଣୁକା ରଥଙ୍କ ଶେଷ ପ୍ରହରର ବ୍ୟଥା ଗଳ୍ପ ସଙ୍କଳ୍ପ ପୁସ୍ତକ ଉନ୍ମୋଚନ ହୋଇଛି। ଏହି ଅବସରରେ ଗାଳ୍ପିକା ଆନନ୍ଦିକା ପଟ୍ଟନାୟକ ଶେଷ ପ୍ରହରର ବ୍ୟଥାର ଗଳ୍ପଗୁଡ଼ିକର ସମୀକ୍ଷା କରି କହିଛନ୍ତି, ପୁସ୍ତକରେ ସନ୍ନିବେଶିତ ୧୬ଟି ଗଳ୍ପ ମଣିଷର ବିଭିନ୍ନ ସମସ୍ୟାକୁ ନେଇ ଲେଖାଯାଇଛି। ଯାହା ବାସ୍ତବଧର୍ମୀ। ସଭା ଆରମ୍ଭରେ ସାହିତ୍ୟିକ, ଅନୁବାଦକ କୁଳମଣି ଦାଶଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କବି ନୀଳାଦ୍ରି ଜଗଦ୍ଦେବ, ରଶ୍ମିତା ନାୟକ ଓ ଚପଳା ପଣ୍ଡାଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ କବି ବିଭୂତି ଭୂଷଣ ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ମହାରଣା ସ୍ୱାଗତଭାଷଣ, ଜ୍ଞାନରଞ୍ଜନ ଦାଶ ଅତିଥି ପରିଚୟ ଓ ରାମଶଙ୍କର ଧନ୍ୟବାଦ ଦେଇଥିଲେ।

## ଦୁର୍ଗାଚରଣ ସ୍ମାରକୀ କ୍ରିକେଟ୍: ଫାଲକନ୍ ଫିଡ୍‌ସ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୩।୩(ଡି.ଏନ.ଏ.):** ହନୁମନ୍ତ ଗ୍ରାମରେ ମହାବୀର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଦୁର୍ଗାଚରଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ରବିବାର ଖେଳରେ ଫାଲକନ୍ ଫିଡ୍‌ସ ଟିମ୍ ବିଜୟୀ ହୋଇଛି। ଫାଲ୍‌କନ୍ ଫିଡ୍‌ସ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୧୭୩ ରନ୍ କରିଥିଲେ। ଜବାବରେ ବଡପାରୀ ୧୦୯ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ପୂର୍ଣ୍ଣ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଖେଳ ପରିଚାଳନା କରିଥିଲେ ନିଲୁ ସ୍ୱାଇଁ ଓ ଅରୁଣ ସ୍ୱାଇଁ । ଅଧକ୍ଷ ରଘୁନାଥ ସ୍ୱାଇଁ ଓ ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଘଟଣାର ନିନ୍ଦା

**ଟାଙ୍ଗୀ(ଖୋର୍ଦ୍ଧା), ୩।୩(ଡି.ଏନ.ଏ.):** ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ପରିସରରେ କେତେଜଣ ଛାତ୍ରଙ୍କ ଦ୍ୱାରା କରାଯାଇଥିବା କିଛି ଅଶୋଭନୀୟ କାର୍ଯ୍ୟର ଫଟୋ ଉଠାଉଥିବାବେଳେ ଜଣେ ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ ହୋଇଥିଲା। ଗତ ୨ ଦିନ ତଳେ ଖବରଦାତା ପାଣ୍ଡବ ସାହୁଙ୍କୁ ଉପରୋକ୍ତ ଘଟଣାରେ ଯେପରି ଗୁରୁତର ଭାବେ ଆକ୍ରମଣ କରାଯାଇଥିଲା ତାହାକୁ ରବିବାର ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ନିନ୍ଦା କରାଯାଇଛି। ଏଥିଯୋଗୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବିପଜ୍ଜନକ ଭାବେ ବିଭିନ୍ନ ଅଞ୍ଚଳରେ ଖବରଦାତାମାନେ କାର୍ଯ୍ୟରତ ଅଛନ୍ତି। ତେଣୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ଦାବି କରିଛନ୍ତି ।

### ଆଜି ମହାଶିବରାତ୍ରି

# ପ୍ରସ୍ତୁତ ଶ୍ରୀଲୋକନାଥ ପୀଠ

**ପୁରୀ ଅଫିସ, ୩।୩**

ସୋମବାର ମହାଶିବରାତ୍ରି। ଶୈବ ପୀଠଗୁଡ଼ିକରେ ରାତି ଉଜାଗର ରହି ଜାଗର ଜାଳିବେ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀ ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ପୁରୀ ସହରରେ ଥିବା ପଞ୍ଚମହାଦେବ (ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର ଓ ମାର୍କଣ୍ଡେଶ୍ୱର)ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିବ। ତେଣୁ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାର ବାଲିକପିଳେଶ୍ୱର, ଶଙ୍କରେଶ୍ୱର, ଓଁକାରେଶ୍ୱର, ଆଖଣ୍ଡଳେଶ୍ୱର, ବେଲେଶ୍ୱର, ଆଖଣ୍ଡଳମଣି, ଛଇତନାର ଯୋଡ଼ାଲିଙ୍ଗ ପ୍ରଭୃତି ଶୈବପୀଠରେ ମଧ ମହାଶିବରାତ୍ରି ପାଳନ କରାଯିବ।

ଜିଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠ ମଧ ପ୍ରସ୍ତୁତ ହୋଇରହିଛି। ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ହଜାର ହଜାର ଶ୍ରଦ୍ଧାଳୁ ରାତି ଉଜାଗର ରହି ଜାଗର ଦୀପ ଜଳିବେ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। ସେବାୟତ, ପ୍ରଶାସନର ସମନ୍ୱୟ ବୈଠକରେ ପ୍ରସ୍ତୁତ ହୋଇଛି ଜାଗର ଯାତ୍ରାର ରୂପରେଖ। ଦ୍ୱାରଫିଟାଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ଦେଇ ଭକ୍ତ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବା ବ୍ୟବସ୍ଥା ହୋଇଛି। ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ନିର୍ଘଣ୍ଟ ହୋଇଛି। ରବିବାର ରାତି ସାଢେ ୧୨ଟାରେ ଦ୍ୱାର ଫିଟି ରାତି ୧ଟାରୁ ୨ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା, ସକାଳ ଧୂପ ଓ ଦ୍ୱିପହର ଧୂପ ସରିବ। ରାତ୍ର ୨ଟାଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ରାତି ୧୨ଟାରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ଚାଲିବ। ରାତ୍ର ୨ଟାରୁ ୩ଟା ମଧ୍ୟରେ ହରିହର ପୂଜାଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ଭୋଗ ଏବଂ ମହାଦୀପ ଉଠିବା ଲାଗି ସ୍ଥିର ହୋଇଛି। ଅପରପକ୍ଷେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ମଙ୍ଗଳବାର ରାତି ସାଢେ ୧୧ଟାରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ସମୟ ନିର୍ଘଣ୍ଟ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି । ସନ୍ଧ୍ୟା ପରଠାରୁ ରାତିତମାମ୍ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ଜାଗର ନିମନ୍ତେ ଶ୍ରୀଲୋକନାଥ ପୀଠକୁ ସଜ୍ଜିତ କରାଯାଇଛି।

**ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ**

## ଖୁବ୍ ଶୀଘ୍ର ସିଦ୍ଧମହାବୀର ଫ୍ଲାଏ ଓଭର ବ୍ରିଜ୍ କାର୍ଯ୍ୟ

**ପୁରୀ ଅଫିସ, ୩।୩**

ବହୁ ପ୍ରତୀକ୍ଷିତ ପୁରୀ-କୋଣାର୍କ ଜାତୀୟ ରାଜପଥର ସିଦ୍ଧମହାବୀର ଲେଭଲ କ୍ରସିଂ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ବାଟ ଫିଟିଛି। ସହରବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ଏ ନେଇ ଜାତୀୟ ରାଜପଥକୁ ସପ୍ତାହକ ମଧ୍ୟରେ ଡିପିଆର ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱ ନୁହଁ। ଲୋକଙ୍କ ସମସ୍ୟା ଦୃଷ୍ଟିରୁ ବାରମ୍ବାର ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ରାଜପଥ ଏବଂ ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଏ ନେଇ ଓଡ଼ିଶାରେ ଅବସ୍ଥାପିତ ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଗତ ନଭେମ୍ବର ୨୮ତାରିଖରେ କେନ୍ଦ୍ର ପରିବହନ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ଆବଶ୍ୟକ ଜମି ଅଧିଗ୍ରହଣ ଲାଗି ଅନୁରୋଧ କରାଯାଇଥିଲା। ପୁଣି ଫେବୃୟାରୀ ୬ତାରିଖରେ ଏ ସଂକ୍ରାନ୍ତରେ ଚିଠି ଲେଖାଯାଇଥିଲା ବୋଲି ରବିବାର ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ଏହା କହିଛନ୍ତି। ଓଭର ବ୍ରିଜ ନିର୍ମାଣ ଲାଗି ଉଭୟ ପାର୍ଶ୍ୱରେ ୩.୨୬ ମିଟର ରାସ୍ତା ଆବଶ୍ୟକ। ଏନେଇ ୫୩କୋଟି ୮୦ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ରେଲୱେ କର୍ତ୍ତୃପକ୍ଷ ଓ ଜାତୀୟ ରାଜପଥକୁ ଅବଗତ କରାଯାଇଛି। ଓଭରବ୍ରିଜ ବାବଦକୁ ଜମି ଅଧିଗ୍ରହଣ ପାଇଁ ୧୯କୋଟି ବ୍ୟୟ ବରାଦ କରାଯାଇଛି। ଏହିରାସ୍ତା ଏବେ ୪୦ଫୁଟ ରହିଛି। ଏହାକୁ ୮୦ଫୁଟ୍ କରାଯିବ। ଇନ୍ଦ୍ରଦ୍ୟୁମ୍ନ ଛକଠାରୁ ଆରମ୍ଭ ହୋଇ ବାଲିଘାଟ ପର୍ଯ୍ୟନ୍ତ ପ୍ରାୟ ୨କିମି ବିଶିଷ୍ଟ ନିର୍ମାଣ କରାଯିବ। ଓସାର ୮.୫ ମିଟର ହେବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ, ଇଂ ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ କବି ସମ୍ମିଳନୀରେ ଓଡିଆ କବି

### ୧୦୦ କବିଙ୍କ ଯୋଗଦାନ




ସମ୍ମିଳନୀରେ କବି ସ୍ୱରଚିତ କବିତା ପାଠ କରୁଛନ୍ତି।

**କୃଷ୍ଣପ୍ରସାଦ,୩।୩(ଡି.ଏନ.ଏ.)**

କଲିକତାସ୍ଥିତ 'ଦି ସର୍କଲ' କ୍ଲବ୍‌ଠାରେ ଶନିବାର ଅନ୍ତର୍ଜାତୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଓଡିଆ କବିମାନଙ୍କ ଯୋଗଦାନ ଓଡ଼ିଶା ପ୍ରତି ଗୌରବ ବହନ କରିଥିବା କୁହାଯାଇଛି। ଏହି ସମାରୋହରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ ରୁକ୍ମିଣୀ ଦେବୀ ଚିଲିକା ମହାବିଦ୍ୟାଳୟର ଅଧ୍ୟାପକ ଅନ୍ତର୍ଯାମୀ ମିଶ୍ର ଯୋଗଦେଇଥିଲେ। ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି କବି ସମ୍ମିଳନୀରେ ଆନ୍ତର୍ଜାତିକ ସୁନାମଧନ୍ୟ କବିମାନଙ୍କ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥାଏ। ଅନ୍ତର୍ଜାତୀୟ ପତ୍ରିକା ଆଇପିଏରେ ଅଂଶଗ୍ରହଣ କରିଥିବା କବିମାନଙ୍କ କବିତା ସ୍ଥାନ ପାଇଥାଏ । ଚଳିତ ବର୍ଷ ଭାରତ, ଶ୍ରୀଲଙ୍କା, ବାଂଲାଦେଶ, ୟେମନ୍, ଭୂଟାନ, ନାଇଜେରିଆ, ମିଶର, ଯୁକ୍ତରାଷ୍ଟ୍ର ଆମେରିକା ଆଦି ଦେଶରୁ ୧୦୦ଜଣ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଖ୍ୟାତିସମ୍ପନ୍ନ କବିମାନଙ୍କ ମଧ୍ୟରେ ଓଡ଼ିଶାରୁ ଡ. ରାଜେନ୍ଦ୍ର ପାଢୀ, ଅନ୍ତର୍ଯାମୀ ମିଶ୍ର, ଡ. ଆଲୋକ ରାୟ, ପ୍ରଦୀପ ବିଶ୍ୱାଳ(ଆଇଏଏସ୍), ବିଭୂଦତ୍ତ ମହାନ୍ତି, ଡ. ନମିତା ଲକ୍ଷ୍ମୀ ଜଗଦେବ ଅଂଶଗ୍ରହଣ କରିଥିଲେ । ଗୁଜରାଟ ସାହିତ୍ୟ ଏକାଡେମୀ ଚେୟାରମ୍ୟାନ ପଦ୍ମଶ୍ରୀ ବିଷ୍ଣୁ ପାଣ୍ଡେ, ପି.କନନ, ବାଂଲାଦେଶୀ କବି ନୁରୁଲ ହକ୍‌ଙ୍କ ଭଳି ନିମନ୍ତ୍ରିତ ଅତିଥିମାନେ ସମାରୋହର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, କବି ମିଶ୍ରଙ୍କ ଅନେକ କବିତା ଓଡିଶାର ପ୍ରମୁଖ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ସାହିତ୍ୟ ପାଇଁ ତାଙ୍କୁ ୧୯୯୭ରେ ସବୁଜ ବାର୍ତ୍ତା, ୧୯୯୯ରେ ଶ୍ରୀକ୍ଷେତ୍ର ସମ୍ମାନ, ୨୦୧୮ମସିହାରେ ପ୍ରିୟପତ୍ର ଓ ଆକାଶବାଣୀ ପୁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଇଭିଏମ୍, ଭିଭିପାଟ୍ ବ୍ୟବହାର ସଚେତନତା ବୈଠକ

### ମାର୍ଚ୍ଚ ୧୦ରୁ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ଅଭିଯାନ

**ପୁରୀ ଅଫିସ, ୩।୩**

ସାଧାରଣ ନିର୍ବାଚନରେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ଏବଂ ସଚେତନତା ସମ୍ପର୍କିତ ବୈଠକ ସୋମବାର ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଯୋଗଦେଇ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କରେ ଭୋଟର ସଚେତନ ହୋଇ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତୁ ନିର୍ବାଚନ କମିଶନ ଏହି ଆଭିମୁଖ୍ୟ ରଖିଛନ୍ତି ବୋଲି କହିଥିଲେ।

ପୁରୀ ଜିଲାରେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଗତ ଜାନୁୟାରୀ ମାସରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଇଭିଏମ୍, ଭିଭିପାଟ୍ ସଚେତନତା ରଥ ଜିଲାର ୧୭୭୭ଟି ଗାଁ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଛି । ୧,୮୪,୦୦୦ ଲୋକ ମକ୍ ପୋଲରେ ଭାଗ ନେଇଛନ୍ତି। ଇଭିଏମ୍ ଓ ଭିଭିପାଟ୍ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା ଅଭିଯାନ ଓ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଜିଲାରେ ୧୫୯୩ ବୁଥରେ ନିର୍ବାଚନା ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୧୪୮ଟି ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଅତି ସମ୍ବେଦନଶୀଳ କେନ୍ଦ୍ରରେ ସିସିଟିଭି ଖଞ୍ଜାଯିବ। ଉପଜିଲାପାଳ ଭବତାରଣ ସାହୁ ୧୮ରୁ ୧୯ ବର୍ଷ ପର୍ଯ୍ୟନ୍ତ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ବିଷୟରେ କହିଥିଲେ। ପୁରୀ ଜିଲାରେ ୧୩ ଲକ୍ଷ ୫୪ ହଜାର ଭୋଟର ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ୯୬ ପ୍ରତିଶତ ଭୋଟରଙ୍କୁ ଭୋଟ ପରିଚୟପତ୍ର ଦିଆଯାଇଛି ବୋଲି ବୈଠକରେ କୁହାଯାଇଥିଲା। ସେହିପରି ଜିଲାରେ ୧୯ହଜାର ଦିବ୍ୟାଙ୍ଗ ଭୋଟର ଚିହ୍ନଟ ହୋଇଛନ୍ତି। ସମସ୍ତ ଭୋଟଦାନ କେନ୍ଦ୍ରରେ ହ୍ୱିଲଚେୟାର ବ୍ୟବସ୍ଥା ରହିବ। ଚଳିତ ନିର୍ବାଚନରେ ପୋଷ୍ଟାଲ ବାଲଟ୍ ଉପରେ ଗୁରୁତ୍ୱ ଦିଆଯାଇଛି। ଡ୍ୟୁଟିରେ ଥିବା ପୋଲିସ ଓ ଅନ୍ୟ କର୍ମଚାରୀମାନେ ଯେପରି ଭୋଟଦାନରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଡେପୁଟି କଲେକ୍ଟର ନିର୍ବାଚନ ସୁମନ୍ତ କରଙ୍କ ସମେତ ବିଭିନ୍ନ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ସ୍କୁଲର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ଅଫିସ,୩।୩**

ସ୍ଥାନୀୟ ପଲ୍ଲା କୋଣାର୍କ ନଗରସ୍ଥ ଇନ୍ଦିରା ପବ୍ଲିକ୍ ସ୍କୁଲର ୨୦ତମ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଐତିହାସିକ ନାରାୟଣ ରାଓ, ମୁଖ୍ୟବକ୍ତା ରୂପେ ବାଙ୍କୋଇ କାଳୀ ଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର କଲେଜର ପ୍ରତିଷ୍ଠାତା କାଳି ଚରଣ ଜୟସିଂହ, ସ୍ୱତନ୍ତ୍ର ଅତିଥି ରୂପେ ଖୋର୍ଦ୍ଧା ଆଇନ୍ କଲେଜର ସମ୍ପାଦକ ସୁଧୀର କୁମାର ମାନସିଂହ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ସାମାଜିକ କର୍ମୀ ଶ୍ରୀମନ୍ତ ବର୍ମନ, ଜାଗ ଓଡ଼ିଶା ଜାଗର ରାଜ୍ୟ ଉପସଭାପତି ପ୍ରଭାତ କୁମାର ମିଶ୍ର, ଶ୍ରୀକ୍ଷେତ୍ର ଗୁରୁକୁଳ ଏଜୁକେଶନ୍‌ାଲ ଟ୍ରଷ୍ଟର ଚେୟାରମ୍ୟାନ୍ ନାରାୟଣ ମହାନ୍ତି ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ଅଧକ୍ଷା ସୁଜାତା ଦାସ ବାର୍ଷିକ ବିବରଣୀ ପାଠ ଓ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଦିବ୍ୟଜ୍ୟୋତି ମିଶ୍ରଙ୍କ ସମ୍ପାଦନାରେ ବିଦ୍ୟାଳୟର ମୁଖପତ୍ର ଶିକ୍ଷାଜ୍ୟୋତି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁରସ୍କାର ବିତରଣ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୫ଟି ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟମାନ ପରିବେଶିତ ହୋଇଥିଲା।

## ବିଶ୍ୱଶାନ୍ତି ଶୈବ ମହାଯଜ୍ଞ

**ଟାଙ୍ଗୀ(ଖୋର୍ଦ୍ଧା),୩।୩(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀସ୍ଥିତ ଶ୍ରୀଶ୍ରୀ ବିଲବାଲୁଙ୍କେଶ୍ୱର ଦେବଙ୍କ ପବିତ୍ର ପୀଠରେ ୩ ଦିନ ଧରି ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାର ଗୋଧୂଳି ଲଗ୍ନରେ ଶହଶହ ଭକ୍ତଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଉକ୍ତ ଉତ୍ସବରେ ଟାଙ୍ଗୀ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

## ବିଜୁ ଯୁବବାହିନୀ ସଦସ୍ୟଙ୍କୁ ମୋବାଇଲ ବଣ୍ଟନ

### ନୂତନ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ

**କୃଷ୍ଣପ୍ରସାଦ,୩।୩(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବିଜୁ ଯୁବବାହିନୀ ସଦସ୍ୟମାନଙ୍କୁ ରବିବାର ମାଗଣାରେ ମୋବାଇଲ ବଣ୍ଟନ କରାଯାଇଛି । ଏହି ଅବସରରେ ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ଯୁବବାହିନୀ କର୍ମକର୍ତ୍ତାମାନଙ୍କୁ ମୋବାଇଲ ବଣ୍ଟନ କରିବା ସହିତ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଅସହାୟମାନଙ୍କୁ ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ପଞ୍ଚାୟତସ୍ଥିତ ନୂତନ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ । ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସାହୁ, ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ସରପଞ୍ଚ ସଞ୍ଜୁଲତା ଜେନା, ସମିତିସଭ୍ୟ ବିଜୟ କୁମାର ତରେଇ, ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ,ଏମ୍‌ପି ପ୍ରତିନିଧି ଦିଲୀପ କୁମାର ରଣସିଂହ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ଯୁବବାହିନୀ ସଂଯୋଜକ ମାନସ କୁମାର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଳମଣି ଜାନୀ, କାଶୀନାଥ ଜେନା ଓ ହେମନ୍ତ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ବିଧାୟକ ଚେକ୍ ପ୍ରଦାନ କରୁଛନ୍ତି।

## ଜୀବନ ଓ ଜୀବିକାର ରାହା: ଝାଟୁଆ ବେପାର

**ନିରାକାରପୁର,୩।୩(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତା ବିଶେଷ ଭାବେ ଗରିବଙ୍କ ବିକାଶ ନିମନ୍ତେ ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି । ତେବେ କେତେଜଣ ନ୍ୟସ୍ତସ୍ୱାର୍ଥ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲ ଓ ଦୁର୍ନୀତି ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁନି କି ସାଧାରଣ ଲୋକଙ୍କ ନିକଟରେ ଏହାର ବାସ୍ତବ ସୁଫଳ ସହଜରେ ପହଞ୍ଚିପାରୁନି । ନୟାଗଡ଼ ଜିଲା ରଣପୁର ବ୍ଲକ ଗୋଡ଼ିପଡ଼ା ଅଞ୍ଚଳର ତ୍ରିନାଥ ନାୟକ ହେଉଛନ୍ତି ଏହାର ଏକ ଜ୍ୱଳନ୍ତ ଉଦାହରଣ । ତ୍ରିନାଥ ନିଜର କୌଳିକ ବୃତ୍ତି ଭାବେ ଝାଟୁଆ ତିଆରି କରି ଗୁଜୁରାଣ ମେଣ୍ଟାଇଥାନ୍ତି । ସେ ନିଜର ଜନ୍ମଭୂମି ନୟାଗଡ଼ ବ୍ୟତୀତ ଖୋର୍ଦ୍ଧା, ନିରାକାରପୁର ଏବଂ ଆଖପାଖ ଅଞ୍ଚଳରେ ଝାଟୁଆ ବିକ୍ରି କରିଥାନ୍ତି । ପରିବାର ସହ ମିଶି ନିୟମିତ ଖଜୁରି ପତ୍ର ସଂଗ୍ରହ କରି ସେଥିରେ ଝାଟୁଆ(ଝାଡୁ) ତିଆରି କରି ପ୍ରାୟ ୩୦ରୁ୪୦ କିମି ଝାଟୁଆ କାନ୍ଧରେ ଭାର କରି ଗାଁ ଗାଁ ବୁଲି ଗୋଟିକୁ ୧୫/୨୦ ଟଙ୍କାରେ ବିକ୍ରି କରିଥାନ୍ତି । ଏହି ବ୍ୟବସାୟରେ ଚାରିପ୍ରାଣୀ କୁଟୁମ୍ବ ଚଳିଥାଏ ବୋଲି କହନ୍ତି ତ୍ରିନାଥ । ସେ କହନ୍ତି, ଏଇଟା ଆମ କୁଳ ବେଉଷା । ତେବେ ପୂର୍ବ ଭଳି ଆଉ ବେପାର ନାହିଁ । ଏବେ ବଜାରରେ ସୁନ୍ଦର ସୁନ୍ଦର ଝାଡୁ ମିଳୁଛି, ତାହା ଅଧିକ ଦର ହୋଇଥିଲେ ମଧ ଗ୍ରାହକଙ୍କ ଏଥି ପ୍ରତି ଆଗ୍ରହ ବଢୁଛି । ତଥାପି ଆମର ବିକ୍ରି ହେଉଛି । କିନ୍ତୁ ଝାଟୁଆ ପାଇଁ ଯେଉଁ ଖଜୁରି ପତ୍ର ଦରକାର ତାହା ଜଙ୍ଗଲ ମାଫିଆ, ଜାଗା ମାଫିଆ ଓ ଖଣି ମାଫିଆଙ୍କ ଯୋଗୁ ସଂଗ୍ରହ କରିବା କଷ୍ଟସାଧ ହୋଇପଡୁଛି । ୧୦/୨୦ କିମି ବୁଲିଲେ କାଁଭାଁ ପତ୍ର ମିଳୁଛି। ନଚେତ୍ ଉପବାସ ରହିବାକୁ ପଡୁଛି ବୋଲି ସେ କହିଥିଲେ। ଆମର ଇନ୍ଦିରା ଆବାସ ନା ରାଶନ କାର୍ଡ ଅଛି, ଆମେ ଗରିବ ବୋଲି ଆମ କଥା କେହି ଶୁଣୁ ନାହାନ୍ତି ବୋଲି କୋହଭରା କଣ୍ଠରେ ତ୍ରିନାଥ କହିଥିଲେ । ସେ କହିଥିଲେ, ଆମକୁ ସରକାରଙ୍କ ପକ୍ଷରୁ କୌଣସି ସହଯୋଗ କିମ୍ବା କୌଣସି ବ୍ୟାଙ୍କ୍‌ରୁ ମଧ ଋଣ ମିଳୁନାହିଁ । ତେବେ ସହଯୋଗ ମିଳିଥିଲେ ବିକାଶର ମୁଖ୍ୟ ସ୍ରୋତରେ ଏମାନେ ମଧ ସାମିଲ୍ ହୋଇପାରିଥାନ୍ତେ ବୋଲି ବିଭିନ୍ନ ମହଲରେ କୁହାଯାଇଛି।

**କଞ୍ଚାମାଲ ଅଭାବରୁ ବୁଡ଼ିବାକୁ ବସିଲାଣି କୌଳିକ ବୃତ୍ତି**



ଝାଟୁଆ ବିକ୍ରି କରୁଥିବା ତ୍ରିନାଥ।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଦେଶୀମଦ ଜବତ, ଜଣେ ଜେଲ ଗଲେ

**ରଣପୁର,୩।୩ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ମୟୂରଝଲିଆ ଗ୍ରାମରେ ରବିବାର ପୋଲିସ ଚଢାଉ କରି ଜଣେ ବ୍ୟକ୍ତିଙ୍କଠାରୁ ଦେଶୀମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ହେଲେ ସଂଗ୍ରାମ ସାମନ୍ତରାୟ। ଏ ନେଇ ଥାନାରେ ୨୦/୧୯ରେ ମାମଲା ରୁଜୁ କରାଯାଇ ସଂଗ୍ରାମଙ୍କୁ ନୟାଗଡ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ପୋଲିସ ସଂଗ୍ରାମଙ୍କ ଦୋକାନରେ ଚଢାଉ କରି ସାଢେ ୩ଲିଟର ଦେଶୀମଦ ଥିବା ଜାରକିନ ଜବତ କରିଥିଲା।

### ମା' ମଙ୍ଗଳା ପାଠାଗାରର ନୂତନ କର୍ମକର୍ତ୍ତା ନିର୍ବାଚନ



**ଭାପୁର,୩।୩(ଡି.ଏନ.ଏ.):** ଭାପୁର ବଜାରରେ ୧୯୮୪ ମସିହାରେ ପ୍ରତିଷ୍ଠିତ ମା' ମଙ୍ଗଳା ପାଠାଗାର ଗତବର୍ଷ ନୂତନ ରୂପରେଖ ସହକାରେ କାର୍ଯ୍ୟ ଆରମ୍ଭ କରିଛି। ନିଜସ୍ୱ ଗୃହ ସହ ବିଭିନ୍ନ ପାଠ୍ୟପୁସ୍ତକ ରଖାଯାଇ ପାଠାଗାର ସାର୍ବଜନୀନ ହୋଇଛି। ଏହି ପାଠାଗାର ପରିସରରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସଭ୍ୟଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଚରଣ ସାହୁ, ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ଶ୍ୟାମଘନ ସାହୁ, ସହ ସମ୍ପାଦକ ରମେଶ ଚନ୍ଦ୍ର ବରାଡ, କୋଷାଧକ୍ଷ ଯୋଗୀନାଥ ସାହୁ, ଲାଇବ୍ରେରିଆନ ଶିଶିର କୁମାର ସାହୁ ଓ ସଂଯୋଜକ ଭାବେ ଅପର୍ତ୍ତି ସାହୁ, ବିମ୍ବାଧର ବାରିକ, ଲକ୍ଷ୍ମଣ ସାହୁ ନିର୍ବାଚିତ ହୋଇଛନ୍ତି।

### କୁଆଁରୀକୋଠି ପୁସ୍ତକ ଲୋକାର୍ପଣ

**ଦଶପଲ୍ଲା,୩।୩(ଡି.ଏନ.ଏ.):** ଦଶପଲ୍ଲା ଶିକ୍ଷକ ଭବନ ପରିସରରେ ବିଶ୍ୱନାଥ ମହାପାତ୍ରଙ୍କ ନାଟ୍ୟପୁସ୍ତକ କୁଆଁରୀକୋଠିର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ରାମଚନ୍ଦ୍ର ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶ୍ରମଜୀବୀ ମଣିଷରୁ ଲେଖକ ହୋଇଥିବା ବିଶ୍ୱନାଥ ମହାପାତ୍ରଙ୍କ ଦ୍ୱାରା ରଚିତ ପୁସ୍ତକଗୁଡିକ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ତାଙ୍କ ରଚିତ 'କୁଆଁରୀକୋଠି' ନାଟ୍ୟପୁସ୍ତକଟି ପାଠକ ମହଲରେ ବେଶ୍ ଆଦୃତି ଲାଭ କରିପାରବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ଉତ୍ସବର ପ୍ରାରମ୍ଭରେ ବେତାରଶିଳ୍ପୀ ନବକିଶୋର ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ବିଜୟ ଚୌଧୁରୀ, ପ୍ରମୋଦ ପଟ୍ଟନାୟକ, ଆଇନଜୀବୀ ସୁଶାନ୍ତ କୁମାର ପାତ୍ର ଯୋଗଦେଇଥିବା ବେଳେ ଲୋକାର୍ପଣ ଉତ୍ସବକୁ ସଂଯୋଜନା କରିଥିଲେ ଆଇନଜୀବୀ ଶରତ ଚନ୍ଦ୍ର ସାହୁ ।

### ବିଜିପୁର ଗ୍ରାମରେ ସ୍ୱାସ୍ଥ୍ୟ ଶିବିର



**ଭାପୁର,୩।୩(ଡି.ଏନ.ଏ.):** ଭାପୁର ବ୍ଲକ ବିଜିପୁର ଗ୍ରାମଠାରେ ସାଇ କଲ୍ୟାଣ ମଣ୍ଡପରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ପୁଣ୍ୟଉତ୍କଳ ଫାଉଣ୍ଡେଶନ ତରଫରୁ ଆୟୋଜିତ ଶିବିରରେ ସ୍ଥାନୀୟ ବ୍ଲକ ଉପାଧକ୍ଷ ଗୟାଧର ପରିଡ଼ା ସହଯୋଗ କରିଥିଲେ। ଫାଉଣ୍ଡେଶନର ସଭାପତି ମନୋରଞ୍ଜନ ମହାପାତ୍ର ଏହାର ପରିଚାଳନା କରିଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଡାକ୍ତର କର୍ମଜିତ ରଥ, ଦେବାଶିଷ ଦେବଦତ୍ତ ବେହେରା, ନିରଞ୍ଜନ ସ୍ୱାଇଁ, ପ୍ରତ୍ୟୁଷ ସ୍ୱାଇଁ, ଅନୁପମ ବେହେରା, ଆଶୁତୋଷ ପଣ୍ଡା, ବିଶ୍ୱଜିତ ନାୟକ, ସୋହମ ଖାଁ ପ୍ରମୁଖ ଡାକ୍ତର ବିଭିନ୍ନ ବିଭାଗରେ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଏହି ଶିବିରରେ ୨୦୫ ଜଣ ରୋଗୀଙ୍କୁ ମାଗଣା ଚିକିତ୍ସା କରାଯାଇଛି।

# ଲଡୁବାବାଙ୍କ ପୀଠରେ ବ୍ୟାପକ ବନ୍ଦୋବସ୍ତ

**ନୟାଗଡ଼ ଅଫିସ,୩।୩**

ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ହୋଇଥିବାରୁ ଏଠାରେ ଜାଗରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ହୋଇଥାଏ। ସୋମବାର ହେବାକୁ ଥିବା ଜାଗରଯାତ୍ରା କିପରି ସୁରୁଖୁରରେ ସମାପନ ହେବ ସେଥିପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରାତି ୧୧ଟାରେ ମହାଦୀପ ଉଠିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେଥିପାଇଁ ବ୍ୟାରିକେଡ଼ର ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷେ ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯିବା ସହିତ ପାର୍କିଂ ବ୍ୟବସ୍ଥା ଶୃଙ୍ଖଳିତ ହେବା, ପକେଟମାର ଓ ଲୁଟ୍ ଘଟଣା ନ ଘଟିବ ସେ ନେଇ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସାଦା ପୋଷାକରେ ପୋଲିସ କର୍ମଚାରୀମାନେ ପରିଦର୍ଶନ କରି ଏ ଦିଗ ପ୍ରତି ଗୁରୁତ୍ୱ ଦେବେ । ୩ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର ନିୟୋଜିତ କରାଯାଇଥିବା



ଲଡୁବାବାଙ୍କ ମନ୍ଦିର ।

ବେଳେ ଏସ୍‌ଆଇ,ଏଏସ୍‌ଆଇ, କନଷ୍ଟେବଲ ଓ ହୋମଗାର୍ଡ ଭଳି ଶତାଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିଭଳି ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପି ଶଶିଭୂଷଣ ଶତପଥୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କିଛି ବର୍ଷ ହେଲାଣି ଜାଗର ଦିନ ଭୋର ସମୟରେ ବୋଲବମ୍ ଭକ୍ତମାନେ ପାଣି ଆଣି ଲଡୁବାବାଙ୍କ ନିକଟରେ ଢାଳନ୍ତି। କିନ୍ତୁ ଗତବର୍ଷଠାରୁ ଜାଗରରେ ଏହାକୁ ବନ୍ଦ କରିଦିଆଯାଇଛି। ମନ୍ଦିର ଭୋର ୩ଟାରୁ ଖୋଲାଯାଇ ଠାକୁରଙ୍କ ପହଡ଼ ଭଙ୍ଗାଯିବ। ୪ଟା ମଧ୍ୟରେ ଅବକାଶ ନୀତି ସମାପନ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାରହିବ। ସକାଳ ୭ଟା ୩୦ ମିନିଟରୁ ୧୦ଟା ଯାଏ ମନ୍ଦିର ମଧ୍ୟରେ ସକାଳର ସମସ୍ତ ପୂଜାନୀତି ସମାପନ କରାଯିବ। ସନ୍ଧ୍ୟା ୬ଟା ୩୦ ମିନିଟ ଯାଏ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ଏହାପରେ ଏକ ଘଣ୍ଟା ମନ୍ଦିର ବନ୍ଦ କରାଯାଇ ଠାକୁରଙ୍କ ପୂଜାନୀତି ସମାପନ କରାଯିବ। ପୁନର୍ବାର ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ରାତ୍ର ୧୦ଟା ଯାଏ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ୧୦ଟା ୩୦ରେ ଲଡୁବାବାଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ବେଢ଼ା ପରିକ୍ରମା କରିବେ। ରାତ୍ର ୧୧ଟାରେ ମହାଦୀପ ଉଠିବା ପାଇଁ ସ୍ଥିର କରାଯାଇଛି। ଠାକୁରଙ୍କ ବେଢ଼ା ପରିକ୍ରମା ସମୟରେ କୌଣସି ଭକ୍ତ ବା ଗୁହାରିଆଙ୍କ ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ପ୍ରଶାସନ, ସେବକ ଓ ପୋଲିସ ପକ୍ଷରୁ ଧ୍ୟାନ ଦିଆଯିବ।

**ଆଜି ଜାଗର**
- ରାତି ୧୧ଟାରେ ଉଠିବ ମହାଦୀପ
- ୩ ପ୍ଲାଟୁନ୍ ଫୋର୍ସ ମୁତୟନ
- ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡର ବନ୍ଦୋବସ୍ତ

**■ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳିକୁ ବିରୋଧ**

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ପଞ୍ଚାୟତବାସୀ

**ରଣପୁର,୩।୩ (ସ୍ୱ.ପ୍ର.)**

ରଣପୁର ବ୍ଲକ କୁଳାସର ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନ୍ୟ ଏକ ପଞ୍ଚାୟତକୁ ବଦଳି କରାଯାଇଛି। ରାଜନୈତିକ ଅଭିସନ୍ଧି ରଖି ବିଡିଓ ତାଙ୍କୁ ବଦଳି କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କ ବଦଳି ବାତିଲ ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବ୍ଲକ ଆଗରେ ଧାରଣା ଦେବେ ବୋଲି ଧମକ ଦେଇଛନ୍ତି। ଅପରପକ୍ଷେ ଏହି ପଞ୍ଚାୟତକୁ ନୂତନ ଭାବେ ଯୋଗଦେବାକୁ ଆସିଥିବା ରଙ୍କଦେଉଳି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଶନିବାର ପଞ୍ଚାୟତ କାର୍ଯ୍ୟାଳୟରେ ପୂରାଇ ନ ଦେବାରୁ ସେଠାରୁ ସେ ଫେରିଯାଇଛନ୍ତି। ଏହାକୁ ନେଇ କୁଳାସର ପଞ୍ଚାୟତରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଅଭିଯୋଗରୁ ପ୍ରକାଶ ଯେ, ୫ମାସ ତଳେ କୁଳାସର ପଞ୍ଚାୟତରେ କୈଳାସ ଚନ୍ଦ୍ର ମହାପାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଥିଲେ। ସେ ତାଙ୍କ କାର୍ଯ୍ୟ ସୁଚାରୁରୂପେ କରୁଥିବାବେଳେ ପଞ୍ଚାୟତର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ ଚାଲିଥିଲା। ଏପରିସ୍ଥଳେ କୌଣସି ଅଭିଯୋଗ ନ ଥାଇ ରାଜନୈତିକ ନେତାଙ୍କ ଚାପରେ ରଣପୁର ବିଡିଓ ଗତମାସ ୨୨ତାରିଖରେ ମହାପାତ୍ରଙ୍କ ବଦଳି ରଙ୍କଦେଉଳି ପଞ୍ଚାୟତକୁ କରିଥିଲେ। ସେଠାକାର କାର୍ଯ୍ୟନିର୍ବାହୀ ଅଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ କୁଳାସର ପଞ୍ଚାୟତକୁ ବଦଳି କରାଗଲା ବୋଲି ବ୍ଲକ ଚିଠି ନଂ.୪୨୩/୨୨।୨।୨୦୧୯ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହା ଜଣାପଡିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସରପଞ୍ଚ ଅନିତା ସାହୁ ବି ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସେମାନେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ନୟାଗଡ଼ ଜିଲାପାଳ ଲିଖିତ ଅବଗତ କରାଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ରଣପୁର ବିଡିଓ ସୁଶାନ୍ତ କୁମାର ପତିଙ୍କୁ ପଚାରିବାରୁ ସେ କହିଥିଲେ, ବ୍ଲକରେ କୁଳାସର ପଞ୍ଚାୟତ ଅଧିକାରୀଙ୍କ ବଦଳି କରାଯାଇଛି । ଏହା କୌଣସି ରାଜନୈତିକ ଚାପରେ କରାଯାଇନାହିଁ।

# ମହିଳା ବିଜେଡିର ବ୍ଲକସ୍ତରୀୟ ସମାବେଶ





ସମାବେଶରେ ଯୋଗଦେଇଥିବା ମହିଳାମାନେ।

**ଖଣ୍ଡପଡା,୩।୩(ସ୍ୱ.ପ୍ର.)**

ଖଣ୍ଡପଡା ମହିଳା ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ସମାବେଶ ରବିବାର ଖଣ୍ଡପଡା ଅରୁଣ ନିବାସରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଓ ରାଜ୍ୟ ମହିଳା ବିଜେଡି ଉପସଭାପତି ତଥା ନାରୀ ନେତ୍ରୀ ପ୍ରଭାସିନୀ ନନ୍ଦ, ଜିଲା ସଭାପତି ଜୟଶ୍ରୀ ସାହୁ, ରାଜ୍ୟ ସମ୍ପାଦକ ମାଳତୀ ଗୁରୁ, ବ୍ଲକ ମହିଳା ବିଜେଡି ସଭାପତି ଚନ୍ଦ୍ରମା ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ବୋଧନ ଦେଇ କର୍ମକର୍ତ୍ତାମାନେ କହିଥିଲେ, ବିଜେଡି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନେ ମଧ୍ୟ ଏହାର ସୁଫଳ ପାଉଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ, ବିଭିନ୍ନ ଯୋଜନାରେ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସହାୟତା ଦେବାର ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ବିଧାୟକ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ । ଏହାସହ ବିଜେଡିକୁ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ସମାବେଶରେ ୫ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ।

### ପୁରୁଣା ପଞ୍ଚାୟତ ଅଫିସକୁ ଏନ୍‌ଏସି ସ୍ଥାନାନ୍ତର

**ଦଶପଲ୍ଲା,୩।୩ (ଡି.ଏନ.ଏ.)**

ଦଶପଲ୍ଲା ପଞ୍ଚାୟତ ସମିତି ଗୃହରେ ଆରମ୍ଭରୁ ଚାଲି ଆସୁଥିବା ଏନଏସି କାର୍ଯ୍ୟାଳୟ ପୂର୍ବରୁ ଥିବା ଜଗଦେବ ପାଟଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହୋଇଛି। ଏହାକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଛନ୍ତି । ବାରମ୍ବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଘର ଛାଡିବା ପାଇଁ ଏନଏସିକୁ ଚିଠି ହୋଇଥିଲା। ଏନଏସି ନୂତନ ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏନଏସିର ନିଜସ୍ୱ ଗୃହ କରାଯାଇନାହିଁ। ଫଳରେ ଏବେ ଏହି ପଞ୍ଚାୟତ ଅଫିସରେ ଅସ୍ଥାୟୀ ଭାବେ ଏନଏସି କାର୍ଯ୍ୟାଳୟ ଚାଲିବ। ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ବବିତା ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ବିଶ୍ୱ ବନ୍ୟ ଜୀବନ ଦିବସ

**ଦଶପଲ୍ଲା,୩।୩(ଡି.ଏନ.ଏ.)**

ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ସାନ କୁରୁବାରୀ ଠାରେ ବିଶ୍ୱ ବନ୍ୟ ଜୀବନ ଦିବସ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସୋମନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବନପାଳ ବବୁଲ ସାହୁ , ମନୋଜ କୁମାର ସେଠୀ , ଜୟନ୍ତ ବେହେରା ପ୍ରମୁଖ ଯୋଗଦେଇ ବନ୍ୟ ପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାନକୁରୁବାରୀ ବନସୁରକ୍ଷା ସମିତିର କର୍ମକର୍ତ୍ତା ସଭ୍ୟଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।



**■୨ବର୍ଷିଆ ଡିଏଲ୍‌ଇଡି ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ**

# 'ଭଲ ଶିକ୍ଷକ ହୋଇ ସୁନାମ ଅର୍ଜନ କର'



କାର୍ଯ୍ୟକ୍ରମରେ ଯୋଗଦେଇଥିବା ତାଲିମଧାରୀ ଶିକ୍ଷୟିତ୍ରୀ।

**ଖଣ୍ଡପଡା,୩।୩(ସ୍ୱ.ପ୍ର.)**

ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ (ଡିଏଲଇଡି)ର ୫୪ ଦିନିଆ ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ତମ ନାଗରିକ ଗଠନରେ ଶିକ୍ଷକମାନଙ୍କ ମୁଖ୍ୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଭଲ ଶିକ୍ଷକ ହୋଇ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିବାକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଅନୁଭବ ପଟ୍ଟନାୟକ ତାଲିମଧାରୀଙ୍କୁ ଆହ୍ୱାନ ଦେଇଥିଲେ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ (ଏନ୍‌ଆଇଓଏସ) ପକ୍ଷରୁ ଏହି ଟ୍ରେନିଂ ପ୍ରୋଗ୍ରାମ ପାଇଁ ମହିଳା କନିଷ୍ଠ ମହାବିଦ୍ୟାଳୟକୁ ଏକ ଷ୍ଟଡି ସେଣ୍ଟର ଭାବେ ସ୍ଥିରୀକୃତ କରାଯାଇଥିଲା। ରଣପୁର, ଶରଣକୁଳ, ଓଡଗାଁ, ନନ୍ଦିଘୋର, ବାହାଡାଝୋଲା, ଦଶପଲ୍ଲା ଓ ଖଣ୍ଡପଡା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୯୦ଜଣ ଅଣତାଲିମପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ସେଣ୍ଟରରେ ଶିକ୍ଷା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ର ପୌରୋହିତ୍ୟ କରିଥିବାବେଳେ ରିସୋର୍ସ ପର୍ସନ ଅଧ୍ୟାପିକା ନିରୁପମା ସାହୁ, ନିବେଦିତା ପଟ୍ଟନାୟକ, ବିଶ୍ୱ ଭାରତୀ ମହାରଣା, ଅଧ୍ୟାପକ ଡ. ଦୋଳଗୋବିନ୍ଦ ସାହୁ, ଗୋସ୍ୱାମୀ ଦାସ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ଶେଷରେ ସଫଳତାର ସହିତ ତାଲିମ ଗ୍ରହଣ କରିଥିବା ପ୍ରତ୍ୟେକ ଛାତ୍ରୀଛାତ୍ର (ଶିକ୍ଷକ ଟ୍ରେନି)ଙ୍କୁ ମୁଖ୍ୟଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଜିତ କୁମାର ବସନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ବିରଞ୍ଚି କୁମାର ମହାରଣା, ନାରାୟଣ ମିଶ୍ର, ବିଭୂତି ଭୂଷଣ ଦେଓ ସହଯୋଗ କରିଥିଲେ।

# ରେଡିଓ ସୁରଭିର ବଚ୍‌ପନ୍ ଏକ୍ସପ୍ରେସ୍ ଉଦ୍‌ଘାଟିତ

**ଦଶପଲ୍ଲା, ୩।୩(ଡି.ଏନ.ଏ.)**

ନୟାଗଡ ଜିଲାର ଏକମାତ୍ର କମ୍ୟୁନିଟି ରେଡିଓ ରେଡିଓ ସୁରଭି ପକ୍ଷରୁ ବଚ୍‌ପନ ଏକ୍ସପ୍ରେସ୍ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କୃଷ୍ଣପ୍ରିୟା ମହିଳା ମହାବିଦ୍ୟାଳୟର ଅଧକ୍ଷା ପୂର୍ଣ୍ଣମାସୀ ଦେବୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଭାରତର ୬୦ଟି କମ୍ୟୁନିଟି ରେଡିଓ ଦ୍ୱାରା ଏହାର ପ୍ରଚାର ଓ ପ୍ରସାର କରାଯିବ। ଏହା ମାଧ୍ୟମରେ ବାଲ୍ୟ ବିବାହ ନିଷେଧ ସମ୍ପର୍କରେ ବିଭିନ୍ନ ରେଡିଓ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ବୋଲି ଏହାର ଅଧକ୍ଷ ଡ. ଶିଶିର କୁମାର ଦାସ ସୂଚନା ଦେଇଥିଲେ। ବାଲ୍ୟ ବିବାହ ସମ୍ପର୍କରେ ଥିବା ବିଭିନ୍ନ ନିୟମ, ଆଇନ କାନୁନ୍ ଓ ତାର ପ୍ରଭାବ ଏବଂ ସମାଧାନ ବିଷୟରେ ରେଡିଓ ମାଧମରେ ପ୍ରସାରଣ କରାଯିବ । ଉକ୍ତ କାର୍ଯ୍ୟକ୍ରମ ୟୁନିସେଫ୍ ଦିଲ୍ଲୀ, କମ୍ୟୁନିଟି ରେଡିଓ ଆସୋସିଏଶନ ଦିଲ୍ଲୀର ମିଳିତ ସହଯୋଗ ଦ୍ୱାରା କାର୍ଯ୍ୟକାରୀ କରାଯିବ ।

# ଏଲପଡ଼ା ଗ୍ରାମରେ ବିଜୁ ସେତୁର ଶିଳାନ୍ୟାସ

**ଭାପୁର,୩।୩(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ପଞ୍ଚାୟତର ଏଲପଡ଼ା ଓ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମ ମଧ୍ୟରେ ଥିବା କାଳିଗିରି ନାଳରେ ରବିବାର ଅପରାହ୍ନରେ ବିଜୁ ସେତୁର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ୨ କୋଟି ୭୨ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଯାଉଥିବା ଏହି ସେତୁରେ ୩ଟି ପ୍ଲାନ ରହିବ। ଦୁଇ ପାର୍ଶ୍ୱରେ ୧୫୦୦ ମିଟରର ଆପ୍ରୋଚ ରୋଡ ନିର୍ମାଣ ହେବ। ଏହି ସେତୁ ନିର୍ମାଣ ହେଲେ ଏଲପଡ଼ା, ମହଲିଆ, ବେଗୁନିଆ, ତରବାଲୋ ଗ୍ରାମର ୧୫ହଜାର ଲୋକଙ୍କ ସହ ଆଖପାଖ ବହୁ ଲୋକ ଉପକୃତ ହେବେ। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଏହି ସେତୁର ଶିଳାନ୍ୟାସ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସରିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଦିଲୀପ କୁମାର ବରାଳ କହିଛନ୍ତି। ଏହି ଉପଲକ୍ଷେ ଏଲପଡ଼ା ଗ୍ରାମର ଆରାଧ୍ୟ ଦେବତା ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ଏକ ସଭା ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବିଧାୟକ, ଭାପୁର ପଞ୍ଚାୟତ ସମିତିସଭ୍ୟଙ୍କ ପ୍ରତିନିଧି ବୈଷ୍ଣବ ଚରଣ ନାୟକ, ଏଲପଡ଼ା ଗ୍ରାମ ସଭାପତି ହାଡ଼ିବନ୍ଧୁ ବଳବନ୍ତରାୟ, ଜଗବନ୍ଧୁ ନାୟକ ଓ ବିଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

# ସୁରକ୍ଷା ଦାୟିତ୍ୱରେ ହାତଗଣତି ପୋଲିସ

**ଖଣ୍ଡପଡା,୩।୩(ସ୍ୱ.ପ୍ର.)**

କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବ ଜୀଉଙ୍କ ଭୈମୀ ଏକାଦଶୀ ମେଳା ରବିବାର ଦ୍ୱାଦଶ ଦିବସରେ ପହଞ୍ଚିଛି। ଯାତ୍ରାଦଳ ଗତ ୨୬ ତାରିଖରୁ ଆସିବା ପରେ ଜନସମାଗମ ବୃଦ୍ଧି ପାଇଛି। ନୀଳମାଧବ ମନ୍ଦିର ପରାମର୍ଶଦାତା କମିଟି ଅନୁରୋଧକ୍ରମେ ପ୍ରତିବର୍ଷ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକତା ଅନୁଯାୟୀ ମେଳା ପଡିଆରେ ଅପେରା ପରିବେଷଣ ସମୟରେ ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥାଏ। କିନ୍ତୁ ଚଳିତବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବର୍ତ୍ତମାନ ଖଣ୍ଡପଡା ଅଞ୍ଚଳରେ ଯେଭଳି ଲୁଟ୍‌ତରାଜ, ଡକାୟତି ଓ ଗଣ୍ଡଗୋଳ ଆଦି ଘଟିଚାଲିଛି ଏହି ସମୟରେ ମେଳାରେ ଆବଶ୍ୟକତା ଅନୁସାରେ କମ୍ ପୋଲିସ ଫୋର୍ସ ରହିଥିବାରୁ ଅପ୍ରୀତିକର ପରିସ୍ଥିତି କିଭଳି ଏଡାଇବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ମେଳା ବର୍ଷା ଓ ଠିକ୍ ସମୟରେ ଯାତ୍ରାଦଳ ଆସି ନ ଥିବାରୁ ପ୍ରାୟ ୧୪ ଦିନ ଖାଁ ଖାଁ ହୋଇପଡିଥିଲା । ଫଳରେ ପୋଲିସର ଆବଶ୍ୟକତା ରହି ନ ଥିଲା। ମେଳା ଶେଷ ହେବାକୁ ଆଉ ୨ଦିନ





ମେଳା ପଡ଼ିଆରେ ଗହଳି ଲାଗି ରହିଛି।

ବାକି ଅଛି । ଏଠାରେ କୋଣାର୍କ, ତୁଳସୀ, ସ୍ୱର୍ଣ୍ଣ ମହଲ ଓ ଯାତ୍ରା ଗାଁ ପାର୍ଟି ପକ୍ଷରୁ ପରିବେଷିତ ନାଟକ ଆସନ୍ତା ୫ତାରିଖ ରାତିରେ ଶେଷ ହେଉଥିବାରୁ ବହୁ ଜନସମାଗମ ହେବାର ସମ୍ଭାବନା ରହିଛି । ପ୍ରଭୁ ନୀଳମାଧବଙ୍କୁ ଆଶ୍ରା କରି ହାତଗଣତି ପୋଲିସ ସହାୟତାରେ ମେଳା ଓ ଅପେରା ପାର୍ଟି ଚାଲିଛି । ଇତିମଧ୍ୟରେ ଦୁଇଟି ସଡକ ଦୁର୍ଘଟଣା ଓ ସିଧାମୂଳାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ମୁତୟନ ଥିବା ପୋଲିସ ଫୋର୍ସ ଓ ହୋମଗାର୍ଡମାନେ ମେଳା ଛାଡି ସେଠାକୁ ଚାଲିଯାଇଛନ୍ତି। ଏ ସମ୍ପର୍କରେ ନୟାଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଜିଲାରେ ଯଥେଷ୍ଟ ପରିମାଣରେ ପୋଲିସ ଫୋର୍ସ ନାହାନ୍ତି। ପୁଣି ବର୍ତ୍ତମାନ ହାଇସ୍କୁଲ ପରୀକ୍ଷା ଚାଲିଥିବାବେଳେ ଶିବରାତ୍ରୀ ପାଇଁ ଅଧିକ ପୋଲିସର ଆବଶ୍ୟକତା ରହିଛି। ଏହିଦୃଷ୍ଟିରୁ କଣ୍ଟିଲୋ ମାଘମେଳାରେ ଅଧିକ ପୋଲିସ ମୁତୟନ କରିବା ସମ୍ଭବ ହେଉନି । ଖଣ୍ଡପଡା ଥାନା ଓ କଣ୍ଟିଲୋ ଫାଣ୍ଡିରେ ଯେତିକ ଷ୍ଟାଫ୍ ଓ ହୋମଗାର୍ଡ ଅଛନ୍ତି ସେମାନଙ୍କୁ ନେଇ କାର୍ଯ୍ୟ କରିବାକୁ ଖଣ୍ଡପଡା ଏସଡିପିଓ ଓ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସାହାଣୀ ସୂଚନା ଦେଇଛନ୍ତି।